ନବୋଦ୍ୟମ ।

CH MOHAPATRA

କଟକ କଲେଜର-ଛାତ୍ର

ଶ୍ରୀ ଚନ୍ଦ୍ରମୋହନ ମହାପାତ୍ର କର୍ତ୍ତୃକ

ପ୍ରଣୀତ ।

CUTTACK.

Printed at the Victoria Press.

Orissa Printing Corporation.

1888.

ମୂଲ୍ୟ ୫ ୦ ।/ ଅଣା ମାତ୍ର ।

Reprocessed by srujanika@gmail.com

ଉତ୍ସର୍ଗପତ୍ର ।

ଅଧୁନା କେବଳ ସ୍ମରଣପଥବର୍ତ୍ତୀ

ମାତା, ପିତା ଓ ପିତାମହୀଙ୍କର

ମଧୁମୟ ନାମରେ

ମୋର ଏହି **ନବୋଦ୍ୟମର** ଉତ୍ସର୍ଗ

କଲି

ପ୍ରଣେତା ।

Reprocessed by srujanika@gmail.com

ନବୋଦ୍ୟମ ।

୧ ବସନ୍ତ ।

ଅତି ଉତ୍ପୃଙ୍କର ଲୋକ-ଅନାଦର
ଶୀତ ଋତୁ ଯେବେ ହୁଅଇ ଅନ୍ତର,
ମୁକୁଟରେ ମଣି ଋତୁମାନଙ୍କର
    ରୁଚିର ବସନ୍ତ ରାଜତ୍ୱ କରେ ।
ତରୁ, ଲତା, ଗୁଳ୍ମ, ପଶୁ, ପକ୍ଷୀ, ଜନ—
ଯେଉଁ ଦିଗେ ଦୃଷ୍ଟି ପକାଅ, ଜୀବନ
ବିସ୍ତାର କରଇ ସର୍ବତ୍ର ଯେସନ;
    ଯଥାର୍ଥ ବସନ୍ତ ପ୍ରିୟ ଲୋକରେ ॥ ୧

ଚକ୍ଷୁ ସ୍ଥିର ଦେଖି ନୂତନ ନୂତନ
ପ୍ରକୃତିର ଶୋଭା; ଅଶକ୍ତ ଲେଖନ
ଲେଖିବାକୁ ତାର ଅସୀମ ବର୍ଣ୍ଣନ;
    ତାହାର ବର୍ଣ୍ଣନା ବଳଇ ବାଣୀ ।
ସ୍ୱର୍ଗରୁ ଭୂତଳରେ ସ୍ୱର୍ଗରୁ ପଟରେ
ନ ପାରନ୍ତି ଚିତ୍ରି ଅତି ଯତନରେ
ସେ ବସନ୍ତ ଚିତ୍ର ଚିତ୍ରକରବରେ;
    ସାର୍ଥକେ ଜୀବନ, ଦେଖେ ଯେ ପ୍ରାଣୀ ॥ ୨

ହରଇ ସନ୍ତାପ ହିମହୁଁ ଗୁରୁତର;
ହରଇ ଶରମ-ବେଦନା ଅଙ୍ଗର;

Reprocessed by srujanika@gmail.com

କରଇ ମାନସ ଆନନ୍ଦ-ସାଗର;
　　ଆନନ୍ଦ-ଲହରୀ ଉଚ୍ଛୁଳି ପଡ଼େ ।
ସେ ଆନନ୍ଦ ଗୀର ବର୍ଣ୍ଣି ନ ପାରଇ;
ଅନ୍ୟଠାରେ ବ୍ୟକ୍ତ କରି ତ ନୁହଇ;
ନେତ୍ରେ ଯେ ଦେଖଇ ତାହା ସେ ଲଭଇ;
　　ମନର ଆନନ୍ଦ ରହେ ମନରେ ॥ ୨

ପ୍ରକୃତିର ଶୋଭା କିବା ମନୋହର !
ଦେଖ ଚଉଦିଗେ ସର୍ବ ତରୁବର
ହରିତ ଲୋହିତ ପୀତ ବରନର
　　କୋମଳ ପତ୍ରେ ଭୂଷିତ ଦିଶେ ।
ବାଳ ପର୍ଣ୍ଣକୁଳ କମ୍ପେ ଥର ଥର,
ଶବଦ କରଇ ମର ମର ମର,
ଜଡ଼ାଜଡ଼ି ହୁଏ ଅଙ୍ଗ ପରସ୍ପର,
　　ମଳୟ ବହିଲେ ଉଦୀଚୀ ଦିଶେ ॥ ୩

ସେ ଛବି ଦେଖିଣ ଭାବଇ କଳ୍ପନା—
ମହୀରୁହରାଜି ପାଇଣ ଚେତନା,
ପର୍ଣ୍ଣ-ଅଙ୍ଗୁଳିର କରି ସଞ୍ଚାଳନା,
　　ମଳୟ ମାରୁତେ ସଙ୍କେତୁଛନ୍ତି ।
"ଦୟାଳୁ ମାରୁତ! ଆସ ହେ ବହନ,
ଦିଅ ସର୍ବ ଅଙ୍ଗେ ନୂତନ ଜୀବନ,
ଧନ୍ୟ ହେ ମାରୁତ, ତବ ପିତା ଧନ୍ୟ ! "
　　ମର ମର ଛଳେ ବୋଲୁଅଛନ୍ତି ॥ ୪

ତରୁବର ପତ୍ର ଲତା କଳେବରେ
ନାନା ବରନର ପର୍ଣ୍ଣ ଶୋଭା କରେ,

Reprocessed by srujanika@gmail.com

କାହିଁ ହର-ପୀତ, ଲୋହିତ ଅପରେ;
ଦେଖିଣ ସେ ଶୋଭା ଆସଇ ମନେ—
ବନଶ୍ରୀସୁନ୍ଦରୀ ଯେତେ ମଣ୍ଡିତଲେ
ଅଭିନନ୍ଦିବାକୁ ମଳୟ ଅନିଲେ
ଋତୁ ସୁବରନ ପରିନର ଛଳେ
ଅଚ୍ଛାଦିତ ସର୍ବେ ଋତୁ ବସନେ ॥ ୬

ବହିଲେ ମଳୟ ଶୀତଳ ସମୀର
କମ୍ପଇ ଲତାର ସରବ ଶରୀର,
ନୟନେ ପଡ଼ଇ ଶୋଭା ସେ ରୁଚିର;
ଏସନ କଳ୍ପନା ହୁଏ ମନରେ—
ସ୍ୱଭାବେ ପ୍ରଗଲ୍ଭ ମଳୟ ପବନ
ଅପରୂପ ଶୋଭା କରି ନରୀକ୍ଷଣ,
ପ୍ରେମଭରେ ଦିଏ ବଦନେ ଚୁମ୍ବନ;
ତହିଁରେ ଲତିକା ଲଜ୍ଜାରେ ଥରେ ॥ ୭

ମଧୁର ବସନ୍ତ କୁସୁମ-ସମୟ;
ବସନ୍ତ ଆଗମେ ଧରା ଫୁଲମୟ;
ଯହିଁ ଚକ୍ଷୁ ପଡ଼େ, ସୁମନନିଚୟ;
ଫୁଲ ଦେଖି ଦେଖି କ୍ଲାନ୍ତ ନୟନ ।
ଧୀରେ ଧୀରେ ଧୀରେ ମଳୟ ବହଇ,
ଏ ଫୁଲୁଁ ସେ ଫୁଲୁଁ ସୁଗନ୍ଧ ହରଇ,
ଚଉଦିଗେ ପୁଣି ଗନ୍ଧ ବିତରଇ,
ସନ୍ତୋଷଇ ଘ୍ରାଣ, ହରଇ ମନ । ୮

ଉଦ୍ୟାନେ ଅଙ୍ଗନେ ଭବନେ ସୌରଭ;
ଯେଉଁ ଦିଗେ ଯାଅ ସେ ଦିଗେ ସୌରଭ;

Reprocessed by srujanika@gmail.com

ହସ୍ତେ ପଦେ ମୁଖେ ସର୍ବାଙ୍ଗ ସୌରଭ;
ସୌରଭେ ସୌରଭେ ଆମୋଦେ ଧରା ।
ଚଉଦିଗେ ଫୁଟେ କୁସୁମ ଅଗଣ୍ୟ;
ନେତ୍ରେ ଅବଲୋକ ବସନ୍ତ ଲାବଣ୍ୟ
(ଯେହୁ ସରଜିଲେ ଧନ୍ୟ ସେହୁ ଧନ୍ୟ !!)
ସୁଖ-ସଉରଭେ ମାନସ ଭରା ॥ ୯

ସୁମନ-ନିଚୟ ଉଦ୍ଭିଦ-ରତନ,
ଅଲଙ୍କାର ଜନେ ଭୂଷଇ ଯେସନ,
ଲତା ବୃକ୍ଷେ ତଥା କରଇ ମଣ୍ଡନ,
କନ୍ତୁ ହାୟ ଏହା କେତେ ଦିନକୁ !
ଦବସକୁ ଯେବେ ଦ୍ୱିତୀୟ ହୁଅଇ
ତରୁ କଲେବର ପୁଣି ନ ମଣ୍ଡଇ;
ସକଳ ଏସନ କ୍ଷଣିକ ଅଟଇ,
ଧିକ ଧିକ ମନୁ ବଞ୍ଛେ! ଗର୍ବକୁ । ୧୦

କଠୋର ହେମନ୍ତେ ଲଭଇ ବିଲୟ
ସରସିଜ-ବନ; ଶୂନ୍ୟ ଜଳାଶୟ;
ମଧୁର ମଧୁ-ର ହୋଇଲେ ଉଦୟ
ନବଜୀବ ଲଭେ କମଳ-ବନ ।
ମୁମୂର୍ଷୁ ଜନର ନାସିକା ଅଗ୍ରରେ
ପରାଣ ରହିଲେ, ଯଥା ସେ କାଳରେ
ହିତ ସଞ୍ଜୀବନୀ ତହିଁ ପ୍ରୟୋଗରେ
ପୁନରପି ଲଭେ ନବଜୀବନ ॥ ୧୧

କୁଞ୍ଜ-ବନସ୍ଥଳୀ ନବୀନ, ଶ୍ୟାମଳ—
ଶ୍ୟାମଳ ଯେସନ ନବ ଦୁର୍ବାଦଳ;

Reprocessed by srujanika@gmail.com

କାହିଁ ଗଣାଯାଏ ଫୁଟଇ କମଳ,
ଚୌଦିଗେ ସୌରଭ ବିସ୍ତାର କରେ ।
ଷଟ୍‌ପଦେ ଧାବନ୍ତି ଦଳ ଦଳ ହୋଇ;
ଫୁଲରେ ବସନ୍ତେ ମନରେ ହୁଅଇ,
କମଳମା ଶତ ନେଏ ବିସ୍ତାରଇ;
ଅପରୂପ ଶୋଭା ନୟନ ହରେ ॥ ୧୬

ଚମ୍ପା, ନାଗେଶ୍ୱର, ସୁଗନ୍ଧ-ଆକର,
ଜାଇ, ଯୂଇ, ମଲ୍ଲି, ନଆଳି, ଟଗର,
ଅଶୋକ, ବକୁଳ—ଏମାନ, ଅପର
ଫୁଟେ କେତେ ତାହା କେ ପାରେ ଗଣି !
ମନୋରମ ଗନ୍ଧ ଗନ୍ଧ-ବହ ହରେ ;
ସରବ ଦିଗରେ ସେ ଗନ୍ଧ ବିତରେ;
ମଧୁ-ଲେହ-କୁଳ ଧାବନ୍ତି ବେଗରେ,
କାହିଁ ଅବସର ଦିନ ରଜନୀ ॥ ୧୭

ଯଥାର୍ଥି ଅଶୋକ ଶୋକ-ବିନାଶନ ;
ପୁଞ୍ଜୀଭୂତ ଯେହ୍ନେ ସକଳ ଲାବଣ୍ୟ ;
କହନ୍ତୁ ସେ ଶୋଭା ଯେହ୍ନୁ ବିଲୋକନ
ବର୍ଣ୍ଣିନା ତା ମନ ତୋଷି ନ ପାରେ ।
ପ୍ରବାଳର ଛଟା କୋମଳ ପତ୍ରନେ,
ଜଣେ ସୁନ୍ଦରନେ ଫୁଲ ସୁନ୍ଦରନେ ;
ବିମ୍ବୋଷ୍ଠୀ ଗୌରାଙ୍ଗୀ, ପଡ଼ିଯାଏ ମନେ,
ଉଭା ଯେହ୍ନେ ଆସେ ତରୁ-ଆକାରେ । ୧୮

କେତକୀର ଗନ୍ଧ ଗନ୍ଧ ମଧ୍ୟେ ବର ;
ସେ ଗନ୍ଧ ଅଘ୍ରାଣି ଧାବଇ ସତ୍ୱର

Reprocessed by srujanika@gmail.com

ମଧୁ-ଲୋଭ-ଆଶେ ମଧୁକର-ବର,
   କିନ୍ତୁ କଣ୍ଟକରେ ପଶି ନ ପାରେ ।
ଯଥା ସାଧ୍ୱୀ-ନାରୀ-ନବ-ଯଉବନ
ଦେଖି କାମ-ଅନ୍ଧ ହୃଦଏ ଚେତନ,
କିନ୍ତୁ ପାପମୟ-ବାସନା-ପୂରଣ
   ସର୍ବଥା ବିଫଳ ହୁଏ ତାହାରେ ॥ ୧୫

ଲଭି ନବ-ଜୀବ ପକ୍ଷିଣୀ-ନିକର,
ମତ୍ତ ନର ନାରୀ, ପ୍ରମତ୍ତ ଖେଚର,
ମତ୍ତ ବନଚର, ମତ୍ତ ଜଳଚର ;
   ଆନନ୍ଦର ସୀମା କେ ପାରେ କଳି ।
ବାରିଧି-ଲହରୀ ଯଥା ପରବରେ,
ଯଥା ନଦୀ-ରୟ ବରଷା-କାଳରେ,
କେଦାର-ନିଚୟ ଯଥା ଶରଦରେ,
   ତଥା ଜୀବକୁଳ-ନନ୍ଦା-ଲହରୀ ॥ ୧୬

କୋମଳ-ନବୀନ-ପ୍ରବାଳ-ସୁନ୍ଦର
ସହକାର-ଶାଖେ ବସି ପିକବର
କଳାରୂପେ ନୋହି ବିଷଣ୍ଣ କାତର
   ରଟଇ ପଞ୍ଚମ ମୋହଇ ମନ ।
ଧନ୍ୟରେ କୋକିଳ ! ଧନ୍ୟ ତୋହ ଧ୍ୱନି !
ସୃଜିଲେ ଯେ ତୋତେ ଧନ୍ୟ ତାଙ୍କୁ ଗଣି !
ଧନ୍ୟ ତାର ପିତା, ଧନ୍ୟ ତା ଜନନୀ ,
   ଧନ୍ୟ ସ୍ୱୟଂ, ଯେହୁ କରେ ଶ୍ରବଣ ॥ ୧୭

ପୀୟୂଷ-ବରଷି ତୋ ମଧୁର ରବ ;
ଏ ଧରାଧାମର ତୋ ରବ ଗରବ ;

Reprocessed by srujanika@gmail.com

ତଥାପି ତ୍ରିଦଶ-ଆଳୟ-ବିଭବ
　　ମରତ-ପୁରେ ଯା କରନ୍ତୁ ବାସ ।
ବିପୁଳ ଐଶ୍ୱର୍ଯ୍ୟ ଭୋଗଇ ଅମର,
କିନ୍ତୁ ଶୁଣି ତବ ସୁଧାମୟ ସ୍ୱର
ନୁହେ ଚରିତାର୍ଥ ଶ୍ରବଣ ତାଙ୍କର ;
　　ସଫଳ ଜନର ଅବନୀବାସ ॥　　୧୮

ବସନ୍ତ-ପ୍ରଭାତ ଅତି ମନୋହର—
ବିଟପି-ବିଟପେ ବିହଙ୍ଗମ-ବର,
ଶତଶତ ବସି ମଧୁମୟ-ସ୍ୱର
　　ବୀଣା-ଜିଣି କଣ୍ଠେ କରନ୍ତି ଗାନ ॥
ସେ ଗୀତ-ସହିତ ସେ କଣ୍ଠୁ ବହଇ,
ବହିଣ ମାନବ-ଶ୍ରବଣେ ପଶଇ ;
ପ୍ରବେଶେ ମାନସ-ବିହଗ ବୁଡ଼ଇ;
　　କରେ ସେ ମଧୁର-ରସରେ ସ୍ନାନ ॥　୧୯

ମଳୟ-ସମୀର ଧୀରେ ସଞ୍ଚରଇ ;
ନାନା କୁସୁମରୁ ସୁଗନ୍ଧ ହରଇ ;
ଗନ୍ଧେ ଗନ୍ଧବହ କୃତାର୍ଥ କରଇ,
　　ନିଖିଳ ଦିଗରେ ବିସ୍ତାରେ ଗନ୍ଧ ॥
କରୁଣ ଦ୍ୱିରେଫ ଗୁଣୁଗୁଣୁ ଧ୍ୱନ ,
କୁସୁମ ଉଦ୍ଦେଶି ଛୁଟଇ ବହନ,
ବଧ୍ୟ-ପଶୁ ଦେଖି ମୃଗେନ୍ଦ୍ର ଯେସନ ;
　　ଫୁଲ-ରଜେ ହୁଏ ଧୂସର ଅଙ୍ଗ ॥　୨୦

Reprocessed by srujanika@gmail.com

ଊଷା-ବିକସିତ-ଅଶେଷ-ସୁମନ—
ଶୋଭିତ ଶାଖାରେ କଲେ ପରଶନ
ମୃଦୁ-ଗତି ଶୀତ ଊଷା-ସମୀରଣ,
  ହଲିଯାଏ ଶାଖା ସପୁଷ୍ପ-ଅଳ ॥
ଦେଖିଣ ଏସନ ମନକୁ ଆସଇ,
ଶତ ଫୁଲ-ଆଖି ତରୁ ପ୍ରସାରଇ,
ଅପର ଦିଗକୁ ଦଅନ୍ତେ ଅନାଇ,
  ନେଇ ସଙ୍ଗେ ତାଗ୍ ଯାଉଛି ଚଳ । ୨୧

ବକୁଳ କୁସୁମ ବକୁଳ-ମୂଳରେ,
ତାଗ୍ ରାଜି ଯେସନେ ଗଗନପଥରେ,
କେତେ ପଡ଼ିଥାଏ ଗଣନା କେ କରେ ;
  ବହୁ ଦୂର ଯାଏ ଆମୋଦ କରେ ।
ବାଳକ ବାଳିକା ରୁଣ୍ଡ ହୋଇ ମୂଳେ
ଯେ ଯାହା ବାସନା-ମତେ ଫୁଲ ତୋଳେ,
ଦେନଇ ମସ୍ତକେ, ଦେନେ କର୍ଣ୍ଣମୂଳେ,
  ଶୋଭେ କି ନା ଦେଖେ ଦରପଣରେ ॥ ୨୨

ନଳିନୀ-ବଲ୍ଲଭ-ଉଦୟ ପୂର୍ବରେ
ଦେଖିଣ ନଳିନ ଫୁଟେ ସରୋବରେ
ନ ଫୁଟେ ନଳିନ, ହୁଏ ମାନସରେ,
  ସରସୀ ଫିଟାଏ ବହୁ ନୟନ ।
ମୁଦିଥିଲା ସରଃ ନିଶା-ଆଗମନେ
ସହସ୍ର ସହସ୍ର ସରୋଜ-ନୟନେ,
ଉଦିଲେ ଦିନେଶ ପୂରୁବ-ଗଗନେ
  ଫିଟାଉଛି ଆଖି ପ୍ରାଣୀ ଯେସନ ॥ ୨୩

Reprocessed by srujanika@gmail.com

ବସନ୍ତ-ପ୍ରଦୋଷ ସମପ୍ରୀତିକର;
ଶ୍ରମରୁ ବିରତ ବିଶ୍ରାମଇ ନର ;
ଶ୍ରମ-ଝାଳେ ଆର୍ଦ୍ର ବସନ ଅଙ୍ଗର;
ମଳୟ ପବନ ହରଇ ଶ୍ରମ !
ନିଶାଗମେ ଜ୍ୟୋତ୍ସ୍ନା ଘୋଟିଯାଏ ମହୀ;
ସରବ ଅଙ୍ଗରେ ସେ ଜ୍ୟୋତ୍ସ୍ନା ପଡ଼ଇ;
କି ଅପୂର୍ବ ସୁଖ ମନରେ ଉଦଇ !
ସ୍ୱର୍ଗବାସ ସୁଖ ନୁହେ ତା ସମ ॥ ୧୪

ପ୍ରାଦୁର୍ଭାବ ନାହିଁ ଏକାଳେ ଶୀତର;
ନିଦାଘରେ ଯଥା, ନୁହଇ ପ୍ରଖର
ଅଂଶୁମାଳୀ ରବି; ନାହିଁ ପଥିକର
ବରଷାରେ ଯଥା, ବରଷା ଭୟ ।
କୀଟ ବିହଙ୍ଗମ ପଶୁ ପୁଣି ନର,
ପବନ-ବସନ ଲତା ତରୁବର ,
ସକଳ ପ୍ରଫୁଲ୍ଲ, ସର୍ବ ସୁଖ.କର;
ନିଖିଳ ଭୁବନ ଆନନ୍ଦମୟ ॥ ୧୫

ଧନ୍ୟ ରେ ବସନ୍ତ ତୋହ ରାଜପଣ;
ଋତୁମାନଙ୍କର ସତ୍ୟ ତୁ ରଞ୍ଜନ ;
ତୋ ରାଜ୍ୟେ ବସନ୍ତେ ନିର୍ମଳ ସୁଖ ।
ତୋହ ରାଜପଣେ ସ୍ୱରଗ ଏ ମହୀ—
ସ୍ୱରଗ ପରାୟେ ସଦା-ଶାନ୍ତି-ମୟୀ;
କୌଣସି ପରାଣୀ ନୁହେ ବିମୁଖ ॥ ୧୬

[illegible] ୮୧୪-୫-୧୯୯୭ [illegible]

Reprocessed by srujanika@gmail.com

୬ ମାତୃ-ପିତୃହୀନ ବାଳକର ଜନନୀ ପ୍ରତି ।

ଜନନି ! ବିଶୁଦ୍ଧ-ସ୍ନେହ-ରତନ-ନିଳୟ !
କାହିଁ ଗୋ ରହିଛୁ ମାତଃ ଛାଡ଼ି ତୋ ତନୟ?
ପାଉଛି ଅସୀମ କଷ୍ଟ କୁମର ତୋହର,
କିରୂପେ ସହିଛୁ କହ? ହୃଦ କି ପଥର?
ଅବା ବହୁ ଦୂରେ ଅଛୁ ଦୁର୍ଭାଗ୍ୟ-କ୍ରନ୍ଦନ,
ଉଚ୍ଚରବେ ହେଲେ ମଧ୍ୟ, ନ କରୁ ଶ୍ରବଣ?
ଅବା ଏ ନଶ୍ୱର-ରବ (ତୁ ସ୍ୱର୍ଗ-ବାସିନୀ)
ନ ପ୍ରବେଶେ ତୋ ଶ୍ରବଣେ ଗରଭ-ଧାରିଣି!
କି ଅବା ମରମ-ଭେଦୀ ଦୁର୍ଭାଗ୍ୟ-କ୍ରନ୍ଦନ
କାଳେ ବଧିର ହୁଅ, ନ କରୁ ଶ୍ରବଣ ;
କର-ଯୁଗେ ଢାଙ୍କି ଅଛୁ ଶ୍ରବଣ-ଯୁଗଳ ;
ତେଣୁ ଶୁଣି ନ ପାରୁଛୁ କେତେ ଯେ ବିକଳ
ହେଉଛି ତୋହର ନିଜ ଜାତ କଳ୍ପ ସୁତ!
ଭାଗ୍ୟ-ଦୋଷେ ସବୁ ଘଟେ ; ଏ ନୋହେ ଅଦ୍ଭୁତ!
ପାର୍ଥିବ କଷ୍ଟରୁ ମାତଃ ! ଲଭିଛୁ ମୋଚନ,
କଷ୍ଟ-ପାରାବାର ବେଢ଼ିଅଛି ତୋ ନନ୍ଦନ ।
ଯେଉଁଦିଗେ ପଡ଼େ ଦୃଷ୍ଟି ତାହା ଶୂନ୍ୟ-ମୟ ;
ଅମାନିଶି ତୁଲେ ଦେଖେଁ ସକଳ ସମୟ ।
ହାୟ ମାତଃ ! ବିଧି ବଡ଼ ବାମ ମୋହ ପ୍ରତି;
ନ ବର୍ଷରେ ବାରେ ସେହୁ ମୁଁ ଅବୋଧ ଅତି ;
ଏ ତରୁଣ-ବୟସେ କି ଏ ଦାରୁଣ ଭାର—
ନ କରୁଛି ବିଧାତା ଏ ସାମାନ୍ୟ ବିଚାର ।

Reprocessed by srujanika@gmail.com

ଏ ଗୁରୁ-ଭାର ଗୋ ମାତଃ ! ନ ପାରୁଛି ବହି ।
ନାଥ ତୁମ୍ଭ ପାଶେ ମାତଃ ! ହୃଦେ ଦୟା ବହି ।
ଯାଏ ଦିବା, ଯାଏ ନିଶି, ଯାଏ ରବି-ଶଶୀ;
ନ ଯାଏ ମୋ କଷ୍ଟ ଏକା, ଦେଖୁଅଛୁ ବସି ।
ମାତୃ-ହୃଦ ସ୍ନେହ-ମୟ, କହନ୍ତି ଜଗତେ,
ବିପଦେ ବେଦନା ହରେ ମାତା ନାନାମତେ ;
ହାୟ ମାତଃ ! ଏ କଷ୍ଟରେ ମୁହିଁ ମାତୃ-ହୀନ,
ହାୟ, ହାୟ, ହାୟ କରି ନ ସରୁଛି ଦିନ ।
ଶୈଶବ-କାଳରୁ ମାତଃ ! ତୋ କୋଳୁଁ ଅନ୍ତର ;
ଜ୍ଞାନ-ହୀନ ବାଲ୍ୟ-କାଳେ ଛାଡ଼ିଲେ ପିଅର ।
ମାତୃ-ପିତୃ-ହୀନ ଯେହୁ ଅଟଇ ସଂସାରେ,
କେ ତାର ସହାୟ କହ ଦୁଃଖ-ପାରାବାରେ ?
ଭାସୁଅଛି ଶୋକ-ଦୁଃଖ-ବାରିଧି-ସ୍ରୋତରେ ;
ନାହିଁତ ଏସନ ଚକ୍ଷୁ, ଦେଖି ଅଶ୍ରୁ ଝରେ ।
ଅପର ଧନରେ ମୋର ନାହିଁ ପ୍ରୟୋଜନ ;
ଥାଆନ୍ତି ମୋ ଭାଗ୍ୟେ ଯଦି ମାତୃ-ରୂପ ଧନ,
ଘଟନ୍ତା କି ଯାହା ଲେଖା ଲଲାଟ-ପଟରେ
କିନ୍ତୁ ଗୋ ଜନନି ! ପୋଛି ତୋହର ଅଞ୍ଚଳରେ
ନୟନର ବାରିଧାର ରହନ୍ତି ସୁଖରେ ।　୨୪-୮-୧୮୮୬ ଖ୍ରୀ

---

୨ ନିରାଶ ବ୍ୟକ୍ତିର ନିଶୀଥ-ନିଭୃତ-ଚିନ୍ତା ।

ନିଶି ଅନ୍ଧ-ତମୋ-ମୟ, ସାଗର-ଗମ୍ଭୀର ;
ନାହିଁ ଜନ-ଗତାଗତ; ବାୟୁ ବହେ ଧୀର,

Reprocessed by srujanika@gmail.com

ବନ୍ଧୁ ସଙ୍ଗେ ନ ବହୁଛି ଶବଦ-ମାଏହିଁ,
ଯେହ୍ନେ ଜୀବ-ପରିହୀନ ଜୀବାକୁଳ ମହୀ ;
ପ୍ରକୋଷ୍ଠେ ଏକାକୀ ମୁହିଁ ; ସ୍ନେହାଶ୍ରୟ-ହୀନ
ପ୍ରଦୀପ, ଯେସନ ବୃଦ୍ଧ, ହୋଇଛି ବିଲୀନ ;
ଚଉପାଶେ ମୋତେ ବେଢ଼ି ରହିଅଛି ତମଃ,
ନୀଚମତି-ବୁଦ୍ଧି ଯେହ୍ନେ ବେଢ଼ିଥାଏ ତମଃ ;
ବାରେ ସୁଦ୍ଧା କରୁ ନାହିଁ ନିଦ୍ରା ଆଲିଙ୍ଗନ;
ଝଟିକା-ଆକୁଳ ସିନ୍ଧୁ ସମାନ ତ ମନଃ
ଚିନ୍ତା-ଊର୍ମ୍ମି-ଗର୍ଜ୍ଜେ, ସିନ୍ଧୁ-ଊର୍ମ୍ମି-ରାଜି ପରି,
ଆଚ୍ଛାଦିଲେ ମାନସ ମୋ ; କେତେ ଆଶା-ତରି,
କଳ୍ପନା-ଦୁର୍ଲ୍ଲଭ-କାଷ୍ଠେ ନିର୍ମିତ ଯତନେ,
ପ୍ରତିକୂଳ-ଦଶା-ବାୟୁ, ସୌଭାଗ୍ୟ-ରତନେ
ଭରା, ମନୋରମ ଗତ ବୁଡ଼ାଇଲା ହେଲେ !
ଭାଗ୍ୟ-ହୀନେ ଆଲିଙ୍ଗନ୍ତି ଲକ୍ଷ୍ମୀ କେତେବେଳେ ?
ପ୍ରତିକୂଳଦଶା-ବାୟୁ ! ପ୍ରତିକୂଳତର
ବହ ହେ, ଗୁହାର ମୋର, ମାନସ-ସାଗର
ବିଭୀଷଣ-ଚିନ୍ତା-ଊର୍ମ୍ମି-ଜାଲରେ ଆକୁଳ
କର, କଷ କୃପା ; ମନଃ-ସିନ୍ଧୁ ! ଅନୁକୂଳ
ହୋଇ, ଚିନ୍ତା-ଊର୍ମ୍ମି-ଶୃଙ୍ଗେ ଦେହ ଉପକୂଳ
ବନ୍ଦର—ବନ୍ଦର, ଯେହ୍ନେ ନ ଥାଉ ତା ମୂଳ ।
ଆହା ! କି ଯନ୍ତ୍ରଣା ! ଯାଅ ଚନ୍ଦ୍ରେ ! ଯାଅ ଦେବି !
ଯହିଁ ଲଭ୍ୟ ; ଅଭାଗା ମୁଁ ତୋତେ କିସ ଦେବ ?
ଯାଅ ରତ୍ନ-ସିଂହାସନେ, ଯହିଁ ନରମଣି,
ମୁକୁଟେ ବସିଲେ ଯାର ସୁବରନ-ମଣି ;

Reprocessed by srujanika@gmail.com

ଯାଅ ସେହି ଗୃହେ, ଯହିଁ ସ୍ୱପ୍ନ ଲକ୍ଷପତି,
ସଦା ସମ୍ପଦ୍ ବିନା ଯେହୁ ନ ଜାଣେ ବିପତ୍ତି ;
ବୀର-ବର ଲମ୍ବାଇଣ ଶିଳା-ଘନ ବାହୁ
ଶୟାନ ଯହିଁ ଗୋ ତହିଁ କମ୍ପାଇ ନ ଯାଅ ?

ତରୁଣ ତରୁଣୀ ଯହିଁ ରମ୍ୟ ଶେଯେ ବେନି
—ପ୍ରସାଧିକା ବାନ୍ଧିଅଛି ବାମା-ମଣି-ବେଣୀ
ତଥା, ଯଥା ବାନ୍ଧିଅଛି ରମଣୀ-ରତନ
ଜଗତେ ଜୀବନ-ସଙ୍ଗି-ଜୀବିତେଶ ମନଃ—
ଅଙ୍ଗେ ଝିନ ପଟ୍ଟଧାନ, ସୁବାସ ଚନ୍ଦନ,
ପୁଷ୍ପ-ଦାମ ଗଳେ, କରୁଛନ୍ତି ଅଲିଙ୍ଗନ

ଉଭୟେ ଉଭୟ, ତହିଁ କର ଗୋ ଗମନ ;
ଦୟାଇ ପିଞ୍ଜରେ ରଖୁ ମୋ ବିହଗ-ମନଃ ।
କି ଭ୍ରମଃ ! ଚନ୍ତାକୁ ଦୂର କରିବାର ଅଣେ
ବାନ୍ଧୁଛି ମାନସ-ମୃଗ ଚନ୍ତା-ମୟୂ ପାଶେ !
ଛଡ଼େଁ ଏ ବୃଥା ଭାବନା ; ନଶା ଅବସାନ
ସନ୍ନିହିତ ହେଲା ଆସି, ହୁଏ ଅନୁମାନ ;
ଫିଟାଏଁ ଗବାକ୍ଷ ; ବହୁ ମୃଦୁ ସମୀରଣ ;
ସମୀର-ପ୍ରସାଦେ; ହେଲେ ନଦ୍ରା ଆକର୍ଷଣ

ହୋଇ ପାରେ ।—ଆହା ! କିବା ସ୍ପର୍ଶ-ପ୍ରୀତିକର
ନ ହୋଇଛି ଏହି ମନ୍ଦ-ଗତି ଗନ୍ଧ-ହର !
ଜୀବନ-ଶୀତଳ-କଣା-ବାହି ସମୀରଣ ।
ଜୀବନ ଦାଅ ଏ ଜନେ, ଶୁଣ ନିବେଦନ ।
—ସୁଦୂର ଗଗନ ବକ୍ଷେ ତାରା ଦୀପ୍ତି-ମତୀ
ଜ୍ୱଳୁଅଛି ଅତକ୍ଷୀଣା, ମୋ ଆଶା ଯେମତି

Reprocessed by srujanika@gmail.com

ମଣେ ମୁହିଁ ପ୍ରେରୁଅଛି ସେନ୍ତୁ ଏ ସମୀର,
ଆଶା ଯେସନେ ପ୍ରେରେ ଜନେ ଆଶ୍ୱାସ-ସମୀର
ନ ଥିବ ତାରକା, କିନ୍ତୁ, ନିଶା-ଅବସାନେ ;
ମୋ ଆଶା, କି ଲଭି ଯିବ ? ତାରକା-ସମାନେ !

——— ୩୧-୮-୧୮୮୭ ମୀ

୪—

ନିୟତି ପ୍ରତି ।

ନିୟତି ! କେ ପାରେ ବର୍ଣ୍ଣି ମହିମା ତୁମ୍ଭର ।
ନିଖିଳ ସଂସାର ଶାସୁଅଛି ତୋହ କର ।
ତବ ଚକ୍ରେ ପଡ଼ି ସୂର୍ଯ୍ୟ ଚନ୍ଦ୍ର ତାରାଗଣ
ଶୂନ୍ୟଦେଶେ କରୁଛନ୍ତି ସଦା ବିଚରଣ ।
ଗ୍ରହଗଣ ଚଉଦିଗେ ଭ୍ରମୁଛି ଧରଣୀ,
ପୃଥ୍ୱୀ ଚଉଦିଗେ ଇନ୍ଦୁ—ଧନ୍ୟ ତୋ ରଚନା !
ତରୁ ଲତା ପଶୁ ପକ୍ଷୀ ତବ ଚକ୍ରବଳେ
ଉଦୟ ବିଲୟ ଲଭୁଛନ୍ତି ଭବତଳେ ।
ଫୁଟୁଛି କୁସୁମକୁଳ ସୁଗନ୍ଧ, କୋମଳ,
କ୍ଷଣ ପରେ ଶାଖା-ଚ୍ୟୁତ ଲଭୁଛି ଭୂତଳ ।
ଫଳୁଁ ଉପୁଜଇ ବୃକ୍ଷ, ବୃକ୍ଷୁଁ ପୁଣି ଫଳ,
ପୁନରପି ଫଳୁଁ ତରୁ, ଧନ୍ୟ ତୋ କୌଶଳ !
ଯହିଁ ସୌଧ-ସମାକୁଳ ସୁରମ୍ୟ ନଗର,
କାଳକ୍ରମେ ତହିଁ ପୁଣ ଭୀଷଣ ସାଗର ।
ଏକକାଳେ ଯହିଁ ମରୁ ଅତୀବ ଦୁସ୍ତର,
ତବ ଚକ୍ରେ ପଡ଼ି ତାହା ଆବାସ ଜନର ।
ଉତ୍ତୁଙ୍ଗ-ଶିଖର-ଶିରଃ ସାଗର-ଗର୍ଭରେ
ବିଲୀନ ହୁଅଇ କାଳେ, ପଡ଼ି ତୋ ଚକ୍ରରେ ।

Reprocessed by srujanika@gmail.com

ତରଙ୍ଗ-ସଙ୍କୁଳ, ଶୂନ୍ୟ ବାରିଧି ମଧ୍ୟରେ
ଦେଖାଦିଏ ରମ୍ୟ ଦ୍ୱୀପ, ସଙ୍କୁଳ ଜୀବରେ ।
ଅତୁଳ ମହିମା ତବ ! ଅକୂଳ ବାରିଧି—
ଗରଭେ ନିହିତ, ରତ୍ନ ବହୁମୂଲ୍ୟ ନିଧି
ମଣ୍ଡଇ ନୃପତି ସୌଧ, ବହୁ ଦୂରେ ସ୍ଥିତ ।
ନିୟତି ! ମହିମା ତବ ସର୍ବତ୍ର କୀର୍ତ୍ତିତ !
ତବ ଚକ୍ରେ ପଡ଼ି ନର କେତେ ଯେ ଭୋଗଇ
ସୁଖ, ଦୁଃଖ, ବର୍ଣ୍ଣିବାକୁ କ୍ଷମ କେ ଅଟଇ !
ସାମାନ୍ୟ-କୁଟୀର-ବାସୀ କୃଷକ-ସନ୍ତତି
ତୋହ ଚକ୍ର-ଆବର୍ତ୍ତନେ କାଲେ ନରପତି;
ତୃଣ-ଶଯ୍ୟାଠାରେ ଭେଟେ ରତ୍ନ-ସିଂହାସନ,
ବନର କୁସୁମଠାରେ ଦିବ୍ୟ ଆଭରଣ ।
ଗୋପାଳତ୍ୱ ଛାଡ଼ି କାଲେ ହୁଅଇ ଗୋପାଳ
ସର୍ବଲୋକମାନ୍ୟ ମହା ଲୋକ-ପାଳ ;
କ୍ଲେଶ-ବହ ତାଳ-ପତ୍ର ଛତ୍ର କାହିଁ ଯାଏ,
ତାହା ସ୍ଥାନେ ରାଜ-ଛତ୍ର ରମ୍ୟ ଶୋଭା ପାଏ ।
ପକ୍ଷାନ୍ତରେ, ମଦ-ମତ୍ତ ମହାନର-ପତି
ଭିକ୍ଷୁ ଅବା ବନବାସୀ କରୁ ତୁ ନିୟତି;
ତନୁ ପରିଧାନଠାରେ ବଲ୍କଲ ପିଧାନ;
ଭିକ୍ଷା ଦାନ ତେଣେ ଥାଉ ଘେନେ ପରଦାନ ।
ଜଗତ ତୋ ଚକ୍ରେ ପଡ଼ି ବୈଚିତ୍ର୍ୟ-ମୟ;
ପରିବର୍ତ୍ତନର ନାହିଁ ସୀମା ଅବା କ୍ଷୟ ।
ଛାର ନର ମୁହିଁ, ଦେବ ! କିବା ଶକ୍ତି ମୋର
ବର୍ଣ୍ଣିବ ତୋହର କୀର୍ତ୍ତି ବାଣୀ-ଅଗୋଚର ।

Reprocessed by srujanika@gmail.com

ଅଧୀନ ତୋହର ମୁହିଁ ସମ୍ୟକରୂପରେ,
ଅର୍ପିଲି, ଯା ଇଚ୍ଛା କର, ମୋତେ ତୋ କୋଳରେ ।
୩୨-୮-୧୯୧୨

୫- ସମୁଦ୍ରପ୍ରତି ।

ସାଗର ! ଅମ୍ବର-ନୀଳ, ଅନନ୍ତ, ଦୁସ୍ତର,
ଧରଣୀ-ମେଖଳା ରମ୍ୟ, ବକ୍ଷରେ ତୋହର
ସହସ୍ର ଅର୍ଣ୍ଣବ-ପୋତ କରେ ବିଚରଣ,
ନୀଳ ବହ୍ୟାୟୁସ-ପଥେ ଯଥା ପକ୍ଷିଗଣ;
କିନ୍ତୁ ବୃଥା । ସମୁଚ୍ଛିନ୍ନେ ଏ ବିଶାଳ ମହୀ
ବୃଥା-ଅହଙ୍କାରୀ ନର; ବିସ୍ତାର କରଇ
କ୍ଷମତା ତାହାର ତୋହ ସୀମା ପରଯନ୍ତ ।
ବାତ-ମଧ୍ୟ ସମତଳେ (ତୁହି କୀର୍ତ୍ତିମନ୍ତ)
ପୋତ-ଭଗ୍ନ-ଅବଶେଷ କୀରତ ତୋହର;
ଉପଦ୍ରବ-ଛାୟା-ମାତ୍ର ନ ରହେ ନରର
ତୋ ବକ୍ଷରେ, ହେ ବାରଧେ ! ନୀର-ବିନ୍ଦୁ-ସମ
ପଡ଼ଇ କ୍ଷଣକେ ଖସି, କୌଶଳେ ଅସମ
ମାନବ; ବୁଦ୍‌ବୁଦ-ଶବ୍ଦେ ଅର୍ତ୍ତନାଦ କ୍ଷଣେ,
ସପଦ ତୋ ଗର୍ଭଗତ; କ୍ଷୀତ ପତନନେ
ନ ପାରନ୍ତି ଜାଣି; ସେହୁ ମୃତ-ବ୍ୟକ୍ତିମାନ
ନ ପାଏ; ତାହାର ପକ୍ଷେ ତୋ ଗର୍ଭ ଶ୍ମଶାନ ।
ନ ଶୋଭେ ନୃ-ପଦ-ଚିହ୍ନ, ପୟୋଧେ ! ତୋ ବକ୍ଷେ;
ତୋ ଅଙ୍ଗ ଲୁଣ୍ଠନ-ଭୂମି ନୁହଇ ତା ପକ୍ଷେ ;
ଧରା-ଧ୍ୱଂସୀ ବଳ ତାର ମଣୁ ତୁହି ଛାର ;
ଉତ୍‌କ୍ଷେପି ତୋ କୋଳୁ—ହାୟ୍ ବୃଥା ଅହଙ୍କାର ।

Reprocessed by srujanika@gmail.com

କମ୍ପେ, ଆର୍ତ୍ତନାଦେ ଉଚ୍ଚୈଃ, ତରଙ୍ଗ-ଜାଳରେ
ସ୍ମରେ ଇଷ୍ଟଦେବ—ତାଙ୍କୁ ଦୂର-ପୁଳନରେ,
ଗୁରୁବେଗେ ପ୍ରହାର ତୁ ତା ଶିରଃ ତଟରେ;
ଇହର ଦୁର୍ଭାଗ୍ୟ ପଡ଼ି ଶବ ସ୍ୱଜନରେ ।
ଭୀମାକାର ରଣତରୀ ବର୍ଷି ବଜ୍ରାନଳ
ପ୍ରସ୍ତର-ନିର୍ମିତ ପୁର କରେ ସମତଳ,
କମ୍ପାଏ ମାନବ-ଗୃହ, କମ୍ପେ ନରପତି
ତୁଙ୍ଗ ସିଂହାସନେ; କାଷ୍ଠତିମିଙ୍ଗିଳ-ପଂକ୍ତି,
ଯାନ୍ତିଲେ ବୋଲାଏ ନର ତବ ଅଧୀଶ୍ୱର,
ମଧ୍ୟମଭୂପାଳରଣେ; ନୀଳ ରତ୍ନାକର ! ୧
ଏମାନ ତୋ କ୍ରୀଡ଼ନକ; ଯେସନ ତୁହିନ,
ଲହରୀ-ଫେନରେ ମିଶି ହୁଅନ୍ତି ବିଲୀନ ।
ତୋ କୂଳ ବିଶାଳ ରାଜ୍ୟ, ଖ୍ୟାତ-ସଭ୍ୟତ—
ଭାରତ, ମିଶର, ରୋମ ପ୍ରଭୃତି ବିଦିତ
ନୁହଇ କାହାକୁ କହ ଏହି ଜଗତର?
ସମରୂପେ ସର୍ବଦା ତୋ ତରଙ୍ଗନିକର
ଧୌତୁଛନ୍ତି ସେମାନ; ତହିଁ ଅସଭ୍ୟ, ବିଦେଶୀ,
କେତେ ଭିନ୍ନଜାତିମାନ ସମୟେ ପ୍ରବେଶି,
ଦେଖାଇ କ୍ଷମତା ନିଜ ଲଭିଲେ ବିଲୟ;
କି ପରିବର୍ତ୍ତନ ଅବା ନ କଲା ସମୟ !
କିନ୍ତୁ ହେ ଅମ୍ଭୋଧେ ! ଊର୍ମ୍ମି-ରଙ୍ଗ-କ୍ରୀଡ଼ା ଛାଡ଼ି
ଅପର ପରିବର୍ତ୍ତନ ନାହିଁ ଦେଖିପାରି
କଳେବରେ ତୋର; ତୋହ ନୀଳ କପୋଳରେ
ସମୟ-ବାର୍ଦ୍ଧକ୍ୟ-ରେଖା ନୟନପଥରେ.

Reprocessed by srujanika@gmail.com

କାହାରେ ପଡ଼ି ନାହିଁ; ଅଦ୍ୟେ ସର୍ଜ୍ଜନର
ଯଥା, ତଥା ବହୁଛୁ ହେ ନୀଳସାଗର !
ଦିବ୍ୟ ମୁକୁର ତୁ ସିନ୍ଧୁ ! ପରମେଷ୍ଠୀ ଯହିଁ
ସ୍ୱକୀୟ ପ୍ରତିମା ଅବଲୋକନ କରଇ ।
ସ୍ଥିର ବା ଚଞ୍ଚଳ; ମୃଦୁ ମଧୁ ପବନରେ
କି ଅବା ଝଟିକା କାଳେ; ଉଭୟ କେନ୍ଦ୍ରରେ
ଘନୀଭୂତ-ତୋୟୋ-ସ୍ତୂପ, ଅବା ଭୂ-ମଧ୍ୟରେ
ଭୀଷଣ-ତରଙ୍ଗାକୁଳ ; ସଦା ତୁ ଅନନ୍ତ,
ଅସୀମ, ଉଦାର ଅଟୁ ; ଅର୍ଣ୍ଣବ ! ଅନନ୍ତ
କାଳର ପ୍ରତିମା ତୁହି; ଅତୀନ୍ଦ୍ରିୟାସନ ;
ସର୍ବଦା ଅଟଳ ସ୍ୱର୍ଗ ବସ୍ତୁ-ଜନନ ।
ମହିମା ତୋ ବଳେ ଗିର—ଲକ୍ଷ୍ମୀ, ଧାତ୍ରୀମାନ
ଇନ୍ଦୁ ପାରିଜାତ ଜାତି, କହଇ ପୁରାଣ,
ତୋ ଉଦରୁ; ବହୁବର୍ଣ୍ଣ ଉଜ୍ଜ୍ୱଳେ ରତନ,
ଦୁର୍ଲ୍ଲଭ, ପବିତ୍ର ପୁଣି ରମ୍ୟ-ଦରଶନ ;
ତେଣୁ ନାମ ରତ୍ନାକର ; ଲୋଡ଼ା ଜଗତରେ
ଲବଣ ଲବଣାମ୍ବୁଧେ ! ଜାତ ତୋ ଗର୍ଭରେ ;
ଜଗତର ହିତକାରୀ ପୟୋଦ-ପଙ୍କତି,
ରମ୍ୟ ବୃଷ୍ଟି-ଦ୍ୱୀପାବଳୀ, ତୋହର ସନ୍ତତି ।
ଜଗତ ତୋପାରେ ଋଣୀ, ହେ ନୀଳ ସାଗର !
ତୋ ଭାବେ ମୋହିତ ଯେଣୁ ପ୍ରଣାମ ମୋହର ।

୩ ୧୧-୮-୧୯୦୭

ମଲ୍ଲିକା ।

୨—

ଉଦ୍ଭିଦ-ଭୂଷଣ-ପୁଷ୍ପ-ରତ୍ନ-ରାଜ-ବରେ
ମଲ୍ଲିକେ ! ମଞ୍ଜୁଳ ମଧୁ-ଉଷା ସମୟରେ

Reprocessed by srujanika@gmail.com

ଭ୍ରମନ୍ତେ ମୋ ଉଦ୍ୟାନରେ, ତୋହ ବିକସିତ
ନବୀନ ମୂରତିଟି ମୋ ହୃଦୟ ପଟତ
ନୟନ ପଥରେ; ଦେଖି ଯେ କି ଅନୁପମ
ଆନନ୍ଦ ଉଦଇ ମନେ ହାୟ ! ମୁଁ ଅକ୍ଷମ
ବ୍ୟକ୍ତ କରିବାକୁ ସେ ପବିତ୍ର ଭାବ
ଗୀତ ସଙ୍କେତରେ—ହାୟ ! ମହତ ଅଭାବ
ରହିଅଛି ଅଦ୍ୟାପି ଏ ମାନବସୃଷ୍ଟିରେ—
ନ ପାରେଁ ବ୍ୟକ୍ତି ତାହା ଗୀତ ନୃ-ବାଣୀରେ !
ମନେ ହୁଏ ମଲ୍ଲିକେ ଗୋ ! ତୁ ଜୀବ ମୋ ପରି ;
ନାହିଁତ ପ୍ରଭେଦ ବୋଲେ ମାନବ ଯେପରି ;
ସଙ୍କେତୁଛୁ ମୋତେ ତୁହି ସସ୍ମିତ ମୁଖରେ ।
ଧୀରେ ଧୀରେ ପଦକ୍ଷେପେଁ ତୋହ ହୃଦେଶରେ ;
ଉଭା ହୋଇ ତୋହ ପାଶେ ନିରେଖି ମୁଁ କ୍ଷଣେ
ପ୍ରସାରେଁ ଦକ୍ଷିଣହସ୍ତ ତୋହ ଆକର୍ଷଣେ ;
କିନ୍ତୁ ନ ଛୁଇଁଣୁ ତନୁ କୋମଳାଙ୍ଗି ! ତୋର
ବିଷାଦ-ଗମ୍ଭୀର ଭାବ ଉଦଇ ମନର ;
ମନେ ପଡ଼େ ମନୁ-ଉକ୍ତି "ତରୁ-ଲତାମାନ
ଅନ୍ତଃସଂଜ୍ଞ; ଅନୁଭବ କରନ୍ତି ଏମାନ
ସୁଖ ଦୁଃଖ" ବୋଲେ ମନ ଅଟେ ଯଥାରଥ
କହିଲେ ଯା ନରଗୁରୁ ! ମାତୃ-କୁଳ-ଗତ
ହସ୍ତରୁ ଗରବେ ତୁହି ହେଲେ ଶାଖାଛଡ଼ା
ମଉଳିବ ତୋ ବଦନ, ଥିବ ନାହିଁ ପରା
ସେ ଗୁରୁ ନବୀନ ସ୍ମିତ ତଥା, ଯଥା ଶିଶୁ
ସୁହାସିନୀ ବାଲକାନ୍ତି କୋମଳ ଶିହାଷୁଁ

Reprocessed by srujanika@gmail.com

ମାତୃକୋଳୁଁ ଛଡ଼ାଇଲେ ମଳିନବଦନା ;
ବାଳାପର ଅନୁଭବୁ ତୁ ମନୋ-ବେଦନା ।
ଅନାଇ ରହେଁ ମୁଁ କ୍ଷଣେ ଭାବି ଏହିପରି ।
ପୁଣି ଉଦେ ମନୋନଭେ ନଭେ ତାର୍ ପରି,
ଅପର ଭାବନାବଳୀ—ହେଲେ ରବି-କର
ଅଳପ ସମୟ ପରେ, ସୁମୁଖି ! ପ୍ରଖର,
ନ ଥିବ ଏ ମୁଖୁ ହାସ୍ୟ ନ ଥିବ ଏ ଶୋଭା ।
ସ୍ଥବିର ପର୍ଯ୍ୟେ ତନୁ—କେ ପଚାରେ ଅବା !
ପାହିଲେ ଅଗତା ନିଶି ହୁଏତ, ଯେପାରେ
ରହିଛୁ, ନ ଥିବୁ କ୍ଷଣ-ସଖି । ଏ ଧରାରେ
ଅନୁରୂପ ଦଶା ଦେଖେ କେବେ ମାନବର
—ମାନବର ନୁହେ ଏକା, ସର୍ବଜଗତର ।
ତଥାପି ମଲ୍ଲିକେ ! ତୋର ଧରାରେ ଆଦର ;
ଆଦର କି ଲାଗି ? ଏକା ତୋହ ସୁଗନ୍ଧର ।
ଦେଖୁଛୁଁତ ସେହିପରି ମାନବ ମଧ୍ୟରେ—
ଇତର ଯେସନ, ସାଧୁ କାଳକବଳରେ
ପଡ଼ଇ, ହୁଅଇ ଦେହ ତହିଁ ପରିଣତ
ଯାହା ଦେଇ ସରଜିଲେ ସ୍ରଷ୍ଟା ବୁଦ୍ଧିମନ୍ତ ;
ଖ୍ୟାତି-ସଉରଭ, ତୋହ ସଉରଭ ଯଥା,
ଜଗତ-ମାନସ-ନାସାପୁର ରହେ ତଥା ।

୩୦-୯-୧୯୨୭ ଖ୍ରୀ

ବିଦେଶରୁ ସ୍ୱଗୃହାଭିମୁଖରେ ବାଲେଶ୍ୱର ପ୍ରତ୍ୟାଗମନ କାଳରେ କୌଣସି ସମୁଦ୍ର ପୋତରେ ଦୁଇ ସହୋଦରର ବିନାଶ ।

ଅର୍ଣ୍ଣବେ ଅର୍ଣ୍ଣବ-ପୋତ ଗମଇ ସୁଖରେ
ଉଦ୍ଦେଶି ଭବନ ଯେସ୍ନେ ବିହଗ ଶୂନ୍ୟରେ
ସ୍ୱ-କୁଳାୟ ଅଭିମୁଖେ; ଚଳେ ଧୀରେ ଧୀରେ;
ତା ସଙ୍ଗେ ଚଳଇ ତାହା ପ୍ରତିବିମ୍ବ ନୀରେ;
ଗଗନ ପ୍ରଶାନ୍ତ ଊର୍ଦ୍ଧ୍ୱେ; ତେଣୁ ଉଦନ୍ୱନ୍ତ
ଶାନ୍ତ ଯଥା-ପ୍ରଯୋଜନ—ଧାର୍ମ୍ମିକ ଯେମନ୍ତ ।
ଆରୋହୀନିଚୟ ମଧ୍ୟେ ତହିଁ ଭ୍ରାତୃଦ୍ୱୟ ।
ପ୍ରାକୃତିକ ଅଲଙ୍କାର ସୌଭ୍ରାତ୍ର, ବିନୟ
ସୋଦର-ଯୁଗଳ ଭୂଷେ—ଗୁଣ-ରତ୍ନମଣି,
ଯା ସଙ୍ଗେ ତୁଳନା-ଯୋଗ୍ୟ ନ ମଣୁଛ ମଣି,
ଯାହା ନ ତେଆଗେ ଜନେ ଏ ଦେହେ ଯାବତ
ପ୍ରାଣବାୟୁ ସଞ୍ଚରଇ, ବହଇ ରକତ ।
ବାୟୁ ବହେ ଅନୁକୂଳ, ପ୍ରଶାନ୍ତ ସାଗର,
ନାହିଁ ବାଧା ଗମନରେ ଅର୍ଣ୍ଣବ-ପୋତର.
ଦେଖିଣ ନାହିଁତ ହର୍ଷ-ଅବଧି-ଅବଧି
ଉଭୟ ସୋଦରଙ୍କର; ମନେ ନିରବଧି
ବିଚାର କରନ୍ତି ଦେଖି ଜନନୀ ପିଅର
କେତେବେଳେ, ଶମାଇବେ ଆବେଗ ମନର;
ଦିନ ଏକ ଅତିବାହି ବଲଗର-ମୁଖ

Reprocessed by srujanika@gmail.com

ଧରିବେ; ଦିନେକ ପରେ ମାତା-ପିତା-ମୁଖ
ନିରୀକ୍ଷିବେ । ଯହୁଁ ନଦୀ-ମୁଖ ସନ୍ନିହିତ,
ନଦୀ-ମୁଖ-ସନ୍ନିଧିରୁ ଗୃହ ସନ୍ନିହିତ,
ହୋଇଲା, ବଢ଼ିଲା ତାଙ୍କ ମନର ଆବେଗ,
ଧରା-କେନ୍ଦ୍ର-ସନ୍ନିହିତ ହେଲେ ଯଥା ବେଗ
ବଢ଼ଇ ବସ୍ତୁର କ୍ରମେ ପତନ କାଳରେ ।
ପୋତ-ରୋଦ୍ଧା* କ୍ରୋଡ଼ୁ ଜଳେ, ନିଶା-ଆଗମରେ
ନିକ୍ଷେପି ରହିଲା ପୋତ; ସର୍ବେ ଆହାରିଲେ;
ଆହାରାନ୍ତେ ମନଃ-ସୁଖେ ଗଳ୍ପ ଆରମ୍ଭିଲେ ।
ଜନକ-ଜନନୀ-ମନଃ ସୋଦର-ଯୁଗଳ
ଅତୀବ ଅଧୈର୍ଯ୍ୟ ତେଣେ; କେବେ ଯେ କୁମର
ନେଉଟିବେ ଆଲୋଚନ୍ତି; ମନୋ-ମନ୍ଦିରରେ
ଗଢ଼ିଣ ପ୍ରତିମା ଦୁଇ କଳ୍ପନା-ପ୍ରସ୍ତରେ
ପୂଜୁଥାନ୍ତି, ଉପହାର ସ୍ନେହ-ଦୁଗ୍ଧ-ଜଳ
—ନାହିଁ ତ ନିପୁଣ ଶିଳ୍ପୀ କଳ୍ପନାକୁ ବଳ ।
ଗ୍ରୀଷ୍ମ-ଶରଦନୁଗାମୀ ଜାଣଇ ଜଗତ
କଷ୍ଟ ଶୀତ; କିନ୍ତୁ କେବେଁ ବଧୂ-ମନୋଗତ
ଜାଣଇ ପୁରୁଷ କିଏ ? ହୃଦୟ ବଦରେ
ସୁଖ-ତରୀ ଭଗ୍ନ ହେଲେ ବିପତ୍ତିରଙ୍ଗରେ !
ସୋଦରେ ରଚିଲେ ଶଯ୍ୟା; ନହିଲେ ବିଗ୍ରହ
ତହିଁ . ସାର ସ୍ୱ-ଆହାର ; ବିଧାତା-ବିଗ୍ରହ ,
ହାୟ ନ ଜାଣନ୍ତି ବେନି ! ତାରକା-ସନାଥ
ଉଦିଲେ ନିର୍ମଳତର ବିଭାବରୀ-ନାଥ—

---

* ଲଙ୍ଗର ।

Reprocessed by srujanika@gmail.com

ଅପୂର୍ବ-ମାଧୁରୀ , ଦିବ୍ୟ ଯଥାର୍ଥ ସେ ଛବି ;
ନ ଭବ , ନ ଭାବ ମନେ ଅତିଉକ୍ତେ କବି ।
ଅନୁଜ ଯେ ଭ୍ରାତା ଜାହି ଅପର-ବକ୍ଷରେ
ମସ୍ତକ, ବୋଲଇ " ଭାଇ ! ଦେଖରେ ଦେଖରେ
କି ସୁନ୍ଦର ଜହ୍ନ ରାତି; ମଣଇ ହସୁଛି,
ଜହ୍ନ ମାମୁ ।" —ମଣଇଁ ମୁଁ , ଇନ୍ଦୁ ନ ହସୁଛି
କନ୍ତୁ କାଳେ ନ ଦେଖିବେ ସେ ଛବି କୁମରେ ,
ଏ ଭାବ ଏ ଗୁରୁମୂର୍ତ୍ତି ପ୍ରକଟିତ କରେ ।
ଗୃହେଁ ରହିଛନ୍ତି ବେନି ଅଚଳ ନେତ୍ରରେ ,
ଅତିକ୍ରମ ଦୃଷ୍ଟିରେଖା ଏସନ କାଳରେ
ନୀରଦ ଖଣ୍ଡିଏ ନଭେ ଧୀରେ ଗଲା ଚଳି ,
କୁମର ଆଗମ-ବାର୍ତ୍ତା , ମଣେଁ, ଦେବ ବୋଲି
ପ୍ରସୂତି-ଜନକେ ; ତହୁଁ ମୁହୂର୍ତ୍ତିକ ପରେ
ତହୁଁ ନ୍ୟୂନତର ବେଶେ ଅଧିକ ବେଗରେ
କ୍ଷୁଦ୍ରତର ମେଘଖଣ୍ଡ ତା ପଛେ ଚଳିଲା ;
ମଣେଁ ମୁହିଁ ଏ ଖଣ୍ଡକୁ ବଧି ପଠାଇଲା
ଅଗ୍ରଗେ ନବାଇବାକୁ ; ତେଣୁ ବୁଦ୍ଧିମନ୍ତ ?
ବଧି ତାକୁ ନିରଖିଲା ଲଘୁ, ବେଗବନ୍ତ ।
ଶ୍ରମ-ବିନୋଦିନୀ ନିଦ୍ରା ଯଥା-ସମୟରେ
କଲା ସ୍ଥାପ୍ୟ ଅଙ୍କଗତ ଉଭୟ ସୋଦରେ ।
ଦୁହେଁ ଉର୍ଦ୍ଧ୍ୱ-ବକ୍ଷାଃ, ଗାଢ଼ ନିଦ୍ରା-ଅଭିଭୂତ ;
ଯେ ଅନୁଜ, ବକ୍ଷୋ-ଦେଶେ କରିଛି ସଂଯୁକ୍ତ
ଛନ୍ଦି କର-ଯୁଗ । ଏଣେ ଉର୍ଦ୍ଧ୍ୱେ ନଭସ୍ଥଳୀ
ଅମଳ-ଶଶାଙ୍କ-ଧ୍ୱଜ ; ନାହିଁ ତାରାବଳୀ;

Reprocessed by srujanika@gmail.com

ଘରଟ୍ଟ-ଘର୍ଷଣ, ଘୋର ଘନ-ଘଟା ଘୋଟି
ଆଚ୍ଛାଦନ୍ତି ଚତୁର୍ଦ୍ଦିଗ, କୃଷ୍ଣ-ପଟ୍ଟ-କୋଟି
ଯେହ୍ନେ ଅବରୁଦ୍ଧ ନଭଃ; ଭୀମ-ପରାକ୍ରମ
ଭୟଙ୍କର ରବ ଛାଡ଼ି ବହେ ବାତ୍ୟାକ୍ରମ ।
ପ୍ରଳୟ-କରାଳ-ଚଣ୍ଡ-ଝଞ୍ଜା-ପରାହତ,
ପୋତ-ରୋଧା-ବନ୍ଧ ରଜ୍ଜୁ ଛିଣ୍ଡାଇଲା ପୋତ;
ଚଳିଲା ଝଟିକାମୁଖେ । ଏସନ ସମୟ
ତୁଙ୍ଗ-ତୁଙ୍ଗ-ଶୀର୍ଷ-ପାତ-ରୂପ, ଶଙ୍କାମୟ
ସ୍ୱପନେ ହୁଅନ୍ତେ ସୁଖ-ନିଦ୍ରା-ଅପର୍ଯ୍ୟନ୍ତ,
ଅନୁଜ ଉଠିଣ ଆଗେ, ସଞ୍ଜାତ-ବିସ୍ମୟ
ପ୍ରବୋଧିଲା ଅଗ୍ରଜଙ୍କୁ; ଦୁର୍ଦ୍ଦୈବ ପରସ୍ପର
କର ଛନ୍ଦ ଗଲଦେଶେ—ଲେଖା ଅଦୃଷ୍ଟର !—
ଡାକିଲେ ତାର ସ୍ୱରେ ! ଝଟିକା ପ୍ରବଳ
ଆଘାତ ତଟରେ ପୋତ କଲାକ ବିକଳ !
ବେନଭାଇ ଛନ୍ଦାଛନ୍ଦ ହୋଇ ପ୍ରବେଶିଲେ
ସାଗରଗରଭେ; ଜୀବ-ଲୀଳା ସମ୍ବରିଲେ !
ପରଦିନ ଦିନ-ମଣି—ବିଷଣ୍ଣ-ନୟନ
ଯେହ୍ନେ—କଲେ ଶବ-ରୂପ-ସୋଦର-ବଦନ
ଦରଶନ ତଟଦେଶେ; ଦେଖିଲା ଜଗତ;
ହେଲା ବାର୍ତ୍ତା କ୍ରମେ ମାତା-ପିତା-କର୍ଣ୍ଣ-ଗତ ।
ମାତାପିତା ସେ ଦାରୁଣ ବାର୍ତ୍ତା ଉତ୍କ୍ଷେପିଲା,
ଶାଶ୍ୱତ-ଶୋକାଶ୍ରୁ-ନଦୀ ହାୟ ! ବହାଇଲା ।

——୦୦୦——

୨୪-୧୦-୧୯୮୮

Reprocessed by srujanika@gmail.com

୮ — ଶରଦୁଷା-ପ୍ରାକ୍‌କାଳ ।

ଶରଦେ ଉଠିଲି ଯବେ ଉଷା-ପ୍ରାକ୍‌କାଳରୁ ;
ନିସ୍ତବ୍ଧ ସକଳ ଦିଗ ଯେହ୍ନେ ମହା ମରୁ ;
ମନେ ହେଲା ମହୀ ପିନ୍ଧି ତାପସୀ-ବସନ
ତପେ ରତ ବିଜନରେ ; ପାଦ-ପ୍ରକ୍ଷେପଣ
କଲେ ହେବ ତପୋ-ଭଙ୍ଗ ଭାଳେ ଧରଣୀର,
ପ୍ରାଙ୍ଗଣେ ବସିଲି ଶଙ୍କି ହୋଇ ଅତି ସ୍ଥିର ।

ଗଗନେ ତାରକା-ରାଜି ଚାହିଁ ବହୁକ୍ଷଣ
ମଉଳି ଆସିଲେ ଏବେ । ଏକି ତାରାଗଣ
ଜଗତର ଊର୍ଦ୍ଧ୍ୱେ ଯାହା ଦେଖୁଛୁ ନଶ୍ୱର ?
ନୁହଇ ନୁହଇ ବୋଲି ପାଞ୍ଚଇ ମନଃ ।
ପାଞ୍ଚଇ—ରୂପସୀ-ନିଶା-ଅବଗୁଣ୍ଠନରେଁ
ଖଚିତ ହୀରକ-ଜାଲ ଜ୍ୱଳେ ଦୀପ୍ତି-ଭରେ ;
ଦିନକର-କର କର ଦୂରୁ ନିରୀକ୍ଷଣ
କର ବିତାଇଣ ଭାଳେ ଲଭିବ ହରଣ
ଶଙ୍କାରେ ରଜନୀ ଧନୀ ତନୁ ଉତ୍ତରୀୟ
ଢାଙ୍କିଲା ଯତନେ ଶିରେ ; ତେବେଁ ଦୀପ୍ତି-ପ୍ରିୟ
ଲୁଚି ନ ରହିଲେ ହୀରା-ଶକଳ-ସକଳ ;
ହୀରକେ ଏସନ ସାଧ ଦେଖିଣ ବିକଳ
ରଜନୀ ଢାଙ୍କୁଛି ଅନ୍ୟ ଉତ୍ତରୀୟ ତହିଁ ;
ତା'ପରେ ଅପର ତାଙ୍କେ ; ତହୁଁ ଦୀପ୍ତି-ମୟୀ
ହୀରା-ରାଜି କ୍ରମେ କ୍ରମେ ମଳିନ ଦିଶଇ ।
କ୍ଷଣ ପରେ 'ତାହା ନୁହେଁ' କଳ୍ପନା ବୋଲଇ

ଠ

Reprocessed by srujanika@gmail.com

ନା—ନା—ତାହା ନୁହଇ ତ ; ହୋଇଲେ ଏସନ
ନ ଦେଖନ୍ତେ ସୁରେ ଊର୍ଦ୍ଧ୍ୱେ ଦେଖନ୍ତି ଜନ
ସ୍ୱର୍ଗ-ଜାତ ।—ଭାବେ ଦେବ-ଶତଦଳ-ସକଳ
ଦେବାବ୍ଧିରେ ବିଚରନ୍ତେ ଝଟକେ ସକଳ ;
ଦେବାବ୍ଧି ବିରାଜେ ଗୁରୁ ନୀଳବରନର
ଧରଣୀର ଊର୍ଦ୍ଧ୍ୱଦେଶେ ; ଏହି ଉଭୟର
ମଧ୍ୟଦେଶେ ଦିନେ ଶଙ୍କୁ କରି ଦରଶନ
'ଧର ନେବ ବୋଲି କରି-କର-ପ୍ରସାରଣ
କରୁଛି' ପଳାନ୍ତି ଭାବି ଧୀରେ ମୀନ-ଗଣ ;
ଦିଶୁଛି ଶଙ୍କୁଳ-ଜ୍ୟୋତିଃ କ୍ଷୀଣ କ୍ଷଣୁଁ କ୍ଷଣ ।
ପୁନରପି ଭାବେ ମନଃ ନଇଶ ଆକାଶେ
ଜ୍ୱଳୁଥିଲା ଦୀପମାଳା ; ରବି ପରକାଶେ—
ବଟଏ ମହିମା କଳି ପାରେ ସୁରଙ୍କର
ନର-ବର-ଯୋଗି-ଜନ-ଧ୍ୟାନ-ଅଗୋଚର,
କିଏବା ମାନବେ !—କ୍ରମେ ଆଶ୍ଚର୍ଯ୍ୟ କୌଶଳେ
ନିଭାଇ ଦିଅନ୍ତି ଦେବେ ପ୍ରଦୀପ-ସକଳେ ।
କଳ୍ପନା-କୁଶଳ ମନଃ ଭାବେ ଅତଃପରେ,
ଦୂର, ଦୂର-ବ୍ୟାପୀ, ଦିବ୍ୟ, ମେଚକ ପ୍ରାନ୍ତରେ
ମନ୍ଦାକିନୀ-ଜଳୋଦ୍ଗତ-ବାଷ୍ପ-ପରିଣତ
ବିରାଜେ ଉଜ୍ଜ୍ୱଳ-ଜ୍ୟୋତିଃଶିଶିର-ସନ୍ତତି;
ରବି-କର-ତାପୋତ୍କ୍ରମେ ଲଭୁଛି ବିଲୟ,
ଜଗତେ ଯେସନ ପ୍ରାତଃ ଶିଶିରନିଚୟ ।
ମାନସ ଭାବୁକ ଭାବୁଁ ଭାବୁଁ ଏହିରୂପ
ବୋଇଲା, କାହାକୁ ବୋଲେଁ କାହା ଅନୁରୂପ !

Reprocessed by srujanika@gmail.com

ଦଗ୍ଧ ବସ୍ତୁ ତାଗ୍-ଗନ୍ଧ ଶିଶର-ସଦୃଶ !
ଗନ୍ଧିତ ଅଠର ନଷ୍ଟେ ଭୁଲା ଏ ତାଦୃଶ !
ବୋଲଣ ଫେଡଲ୍ଲ ମନଃ ଚିନ୍ତା-ଆଭରଣ ।
କାର୍ଯ୍ୟେ ଗଲ ଦେଖି ପୂର୍ବ ରକ୍ତିମ ବରଣ ॥

---

୯ -ଶଯ୍ୟାସ୍ଥ ଆଶା-ମୁଗ୍ଧ ବ୍ୟକ୍ତି ।

ଶାନ୍ତ-ସିନ୍ଧୁ ନିଦ୍ରେ ! ମାତଃ ! ଯୋଡେଁ ବେନିକର
ଛାଡ ମୋତେ ଶେଯେ ଏକା ଗମନ ତୁ କର
ବହିର୍ଦ୍ଦେଶେ ଏକ୍ଷଣରୁ କ୍ଷଣ କାଳ ପାଇଁ ;
କ୍ଷଣ କାଳ ପରେ ହେବ ତୋହର,ଅଙ୍କ-ଶାୟୀ ।
—ଅୟି ଗୋ ମୋହନ ଅଣେ ! ଆୟି ମୋହ ପାଶେ
ନିଦ୍ରାକୁ ମୁଁ ଉପେକ୍ଷିଲି ଏକା ତୋ ସକାଶେ ।
ଜଗତେ ତ ନାହିଁ ତୁଲା; ଦ୍ୟୁଲୋକରେ ପଶି
ମୋ ଆଖିରେ କୁହୁଗ୍ଧତ କେହ୍ନି ତୋହ ସର ।
ତୋତେ ଯେ ନନ୍ଦର ଶୀର ନାହିଁ ଦରଶନ ;
ପାପିଏ ଜାଣିବେ କାହୁଁ ଦ୍ୟୁଲୋକ କେସନ ?
ତୋ ଅପାଙ୍ଗ-ଦୃଷ୍ଟି ବାରେ ପଡ଼େ ଯା ଉପରେ
ନରକେ ଥିଲେହେଁ ସେହୁ ସ୍ୱର୍ଗ ଭୋଗ କରେ ।
ଅକ ଯାଦୁ-କର-ବରେ ; ତୋହୋର ମୋହନ
କରେ ବା ଜାଣିବେ କାହୁଁ ? ତୋ କୃପାରେ ଜନ
ଯାହା ଭୋଗ କରେ, ତାହା ବଳେ ଦେବଭୋଗୁଁ ।
ନର-ବର-ବଡପଣ ସିନା ତୋହ ଯୋଗୁଁ ।
ତ୍ରିଯ୍ୟକୁଳ ଦାଶରଥି ତୋହ କଲେ ବଳୀ
ଜଗତ୍ତ୍ରାସ ଦଶାନନେ ରଣେ ଗଲେ ଦଳ ;

Reprocessed by srujanika@gmail.com

ଅକୂଳ ଅତଳ-ସ୍ପର୍ଶ ସିନ୍ଧୁ ଗଲେ ତରି,
ସେତୁବନ୍ଧ ମିଥ୍ୟା, ତାଙ୍କୁ ତୁହି ହେଲୁ ତରୀ ।
ଅରଥ-ଲୋଲୁପ ଜନ ତହରେ ବିଚରେ
ଭୀମ-ଊର୍ମ୍ମି-ଲୀଳା-ଭୂମି ସାଗର-ବକ୍ଷରେ
ବାନ୍ଧଣି ସାହସ ଅଶେଷ ! ତୋହର ମନ୍ତ୍ରରେ ;
ନୋହିଲେ କି ସ୍ଥିର ତର ସିନ୍ଧୁ-ସମୀପରେ !
ବୀରବଳ ଗ୍ରନ୍ଥେ ଦେଖୁଁ କେତେ ବୀରବର
ଅପର-ଶକତ'ପରେ ନ କରି ନିର୍ଭର
ଏକାକୀ ଅଙ୍କୁ ତୋରସ୍ଥ ଯୁଝି ଶତ ଶତ
ଲଭିଲେ ବିଜୟ କରି ଶତ୍ରୁ ପରାହତ—
ତୋ ଅତୁଳ ବଳେ ବଳୀ ବିଶ୍ୱାସ ମୋହର ;
ନୋହିଲେ ସହସ୍ରେ ଜିଣେ ବଳେ ଏକ ନର !
ବିପଦନ-ତମୋମଧ୍ୟେ ବୁଜି ଦରଶନ
କେତେ କ୍ଷୀଣପ୍ରାଣ ନର କରନ୍ତି ଗମନ ;
ଚପଳା ପରାୟେ ତୁହି ଦେଖାଉ ଗୋ ପଥ ।
ନୋହିଲେ ସେକାରେ ତୋର ସରବେ କି ରଥ ?

—ଥାଉ ତ ଗୁଣର ବ୍ୟାଖ୍ୟା; ଅୟି ବିନୋଦନ !
କାହେଁ ତୋତେ ବାହୁ-ପାଶେ ମୋ ମନୋମୋହନ !
—ବୀର-ବର ! ଏଜଗତେ, ଅସ୍ତ୍ର, ଅସ୍ତ୍ର କିଏ,
ଦେଖା ଯାଉ ପରାକ୍ରମେ ଜିଣୁଅଛି କିଏ ।
ନୃପତି-ପୁଙ୍ଗବ ! ଯଦି ଶ୍ରେୟଃ ସ୍ୱଜୀବନ ,
ଛଡ, ଛଡ, ଛଡ ଭୂମି ରତ୍ନ-ସିଂହାସନ ;
ମଣେ ଛର, ତୃଣ ଯେହ୍ନେ, କୋଟି ଅନୀକିନୀ,
ଯେତେବେଳ ଯାଏ ଏକା ଅଶା ମୋ ସଙ୍ଗିନୀ ।

Reprocessed by srujanika@gmail.com

ତପସ୍ୱି-ତପନ ! ତବ ତପ ବୃଥା ଜାଣ,
ମୁହୂର୍ତ୍ତେ ଲାଗିବ ନାହିଁ ଭାଙ୍ଗି ଦେବ ଠାଣ ।
ଯୋଗି-ଶ୍ରେଷ୍ଠ ! ବ୍ୟରଥ ସିନା ଯୋଗ ତବ,
ଲୀଳାକ୍ରମେ ଘଟାଇବ ତୁମ୍ଭ ପରାଭବ ।
ସୁରେଶ ! ବିଫଳ ସିନା ତୁମ୍ଭ ଅଭିମାନ,
ଏ ଅଡ଼େ ଇନ୍ଦ୍ରିୟ ରଖି ଦେଖ ଅନ୍ୟସ୍ଥାନ ।
ପ୍ରମଦା-ମଣ୍ଡଳୀ-ମଣି ! ତୁମ୍ଭେ ମୋହ କରେ,
ଦିବ୍ୟ-ପ୍ରଭା ମଣି ଯେତେ ପୟୋଧି-ଗର୍ଭରେ ।
କଳ୍ପନା-ଅପ୍ସରା-ଗଣ ! ମାତ ସଙ୍ଗୀତରେ;
ଧୀରେ ନେଇ ମୋତେ ରଖ ନିଦ୍ରାର କୋଳରେ ।

୧୭-୭-୧୯୮୬

୧୦ — ଶିଶୁ-ବିୟୋଗ ।

(୧୮୦୭ ଶକାବ୍ଦରେ ବାଲେଶ୍ୱର ନଗରର କୌଣସି ରମଣୀର ପ୍ରଥମପ୍ରସୂତ ଶିଶୁ ଷୋଡଶ ଦିବସରେ ପ୍ରାଣତ୍ୟାଗ କଲା । ଉଲ୍ଲିଖିତ ଘଟଣା ଅବଲମ୍ବନ କରି ନିମ୍ନଲିଖିତ ପଦ୍ୟ ଲିଖିତ ହୋଇଅଛି ।)

ନାହିଁ ଯାର ତୁଳା   ଲବଣୀ-ପିତୁଳା
ବାଳା କକ୍ଷେ ଲଭିଥିଲା ।
ଷୋହଳ ଦିନକୁ   ପାଇ କୁମରକୁ
କୋମଳାଙ୍ଗୀ ହରାଇଲା ।
ଏହା କି ଅବଧି,   ନିଧି ଦେଇ ବିଧି
କ୍ଷଣ ପରେ ନେଲା ହରି ।
ପ୍ରଭୁ ଦଣ୍ଡକର୍ତ୍ତା   ଦାତା ହୋଇ ହର୍ତ୍ତା
କେଉଁ ପାପ ଏହା ସରି !!
ତରୁଣୀ-ରତନ   କରି ଥନ ଥନ
ମୁଖ-ସରୋରୁହ କାନ୍ଦେ ।

Reprocessed by srujanika@gmail.com

ହରିଣୀ ଯେସନ ଉଦ୍ଭ୍ରେ ଛନ ଛନ
ଶିଶୁ ଦେଖି ବ୍ୟାଧ-ଫାନ୍ଦେ ॥
କମ୍ପେ ଥର ଥର ନବୀନା ଅଧର
ଅଶୋକ-ପ୍ରବାଳ-ତୁଲ ।
ଜ୍ୟୋତିର୍ହୀନ ତଥା କଣଲସୃ ଯଥା
ହେଲେ ତରୁ ଛିନ୍ନ-ମୂଳ ॥
ସ୍ନେହ-ବନ୍ଧନରେ ବାନ୍ଧିଲି କୁମରେ ;
ହୃଦ ସ୍ନେହ-ସୂତା-କଠୀ ।
ସ୍ୱର୍ଗ-ଯାତାଯାତ ପାଇ ସୁଜଳାତ
ବହି ନେତ୍ର-ଯୁଗଳଟି ॥
ହରନ୍ତେ ଅନ୍ତଙ୍କ ସସ୍ନେହ ପୂର୍ବଙ୍କ
ପୁଚ୍ଛେ ବଳା ସ୍ୱର୍ଗ-କ୍ରମ ।
ବାଷ୍ପ-ଧାରା-ଛଳ ଧାଏ ଅବିରଳ
ବଳଲାଇ ତା ମରମ ।
ଶିଶୁର ଜନମ ରମଣୀ-ରତନ
ଦେଖି ଫାଙ୍ଗୁଥିଲା ମନେ ।
ବସାଇ କୋଳରେ ଚୁମ୍ବି ସ୍ନେହ-ଭରେ
ହସି ହସାଇବ ଜନେ ॥
ଏକ୍ଷେତ୍ର ଯୌବନ ରତନେ ରତନ;
ତହିଁ ଶିଶୁ-ମଣି-ଯୋଗ ।
ଇଚ୍ଛାଜଳେ ପଡ ଦେବତାଏ ପୋଡ
ଘଟାଇଲେ ବିପ୍ରଯୋଗ ।
ଶୁଣ ସୁକୁମାର ! ବର୍ଣ୍ଣିତ ଉଗାର
କା ଆଗେ କହିବା ଆଉ ?

Reprocessed by srujanika@gmail.com

ନ ହୁଅ କାତର,   ଧଇରଯ ଧର,
ଗଲା କଥା ଏବେ ଯାଉ ।

୨୨-୨-୧୮୭୬

୧୧—ଅପୂର୍ବ-କାରାବଦ୍ଧ ପୁରୁଷର ପତ୍ର ।

(ବାଲେଶ୍ୱର-ଅନ୍ତର୍ଗତ-ରେମୁଣା-ନିବାସୀ କୌଣସି ବ୍ୟକ୍ତି କାରଣ-ବିଶେଷ-ବଶତଃ ଗୃହତ୍ୟାଗ କରି ଭ୍ରମଣ କରୁଁ କୁଲିପ୍ରେରକ ହସ୍ତରେ ପଡ଼ି ଆସାମକୁ ନୀତ ହୋଇ ଅଦ୍ୟାବଧି କୁଲି କାର୍ଯ୍ୟ କରୁଅଛି । ସେ ତାହାର କନିଷ୍ଠସହୋଦରକୁ ଯେଉଁ ହୃଦୟବିଦାରକ ପତ୍ର ଲେଖିଥିଲା, ତାହା ଅବଲମ୍ବନ କରି ନିମ୍ନଲିଖିତ ପଦ୍ୟ ରଚିତ ହୋଇଅଛି ।)

ବିନ୍ଦୁ ବିନ୍ଦୁ ବାରି ପଡ଼େ ନୀରଦରୁ ଯେବେ,
ପୂତ ଭାଗୀରଥୀ ଗର୍ଭେ ପଡ଼େ ତହୁଁ କେତେ,
କେହି ହୁଏ ବିଷବୃକ୍ଷ-ବର୍ଦ୍ଧନ-କାରଣ ;
ବାରି-ବିନ୍ଦୁ-ମଧ୍ୟେ କିଆଁ ବୈଷମ୍ୟ ଏସନ ?
ଅରଣ୍ୟାନୀ ତରୁ ଲତା ବକ୍ଷେ କେହୁ ଧରେ;
ଗନ୍ଧ-ଧନ କେହି ଚଢ଼େ ଦେବ-ମସ୍ତକରେ ;
କେହି ପଶେ ଦାବାନଳ ଭୀମ-ଗର୍ଭରେ;
କି ହେତୁ ଈଦୃଶ ଦେଖୁଁ ଘଟିତ ବିପରୀତ ?
ବୋଲିବା 'ଅଦୃଷ୍ଟ-ବଶୁଁ' ନୁହେ କି ଉଚିତ ?
ଏକ-ବୃକ୍ଷ ଫଳ ବନ୍ଧୁ ଅଟୁଁ ଆମ୍ଭେ ବେନି;
ପ୍ରାକୃତିକ ଭେଦ ବିନା ଏକା ବୟଃ ଦେନି ।
ବନ୍ଧୁ ହାୟ ! ଅଦୃଷ୍ଟର ବିଚାର ଏସନ,
ଗାର୍ହସ୍ଥ୍ୟ-ସୌଭାଗ୍ୟ-ସିନ୍ଧୁ ବେଢି ଅନୁକ୍ଷଣ
ଅଛ ତୁମ୍ଭେ ତଦ୍‌ଦିଗେ; ଯନ୍ତ୍ରଣା-ଆଳୟ ,
ଲୀଳା-ଭୂମି ସନ୍ତାପର, ନିରୟ-ନିଳୟ,
ବାଷ୍ପ-ସିନ୍ଧୁ ମଧ୍ୟେ ମୁହିଁ ଯାପୁଛି ସମୟ ।

Reprocessed by srujanika@gmail.com

ମନେ ପଡ଼େ, ଏକାକୀ ମୁ ଦିନେ ଅରଣ୍ୟରେ
(ତେଜୋନିଧି ଅଂଶୁ-ମାଳି-କର ମଧ୍ୟ ତରେ
ପଶିବାକୁ ଯା ଭିତରେ) କରୁଛି ଗମନ,
ଏ ସମୟେ ଘନଘଟା ଘୋଟିଲା ଗଗନ;
କେବଳତ ଅରଣ୍ୟାନୀ ଅନ୍ଧକାର-ମୟ,
ତହିଁରେ ଛାଇଲା ପୁଣି ଭୀମ-ଘନୋଦୟ;
ଘଡ଼ଘଡ଼ ଆରବେ ଛୁଟି ଦମ୍ଭୋଳି ଖେଳିଲା;
ଶବଦେ ମାନସ ଭୀରୁ ନୈରାଶ୍ୟେ ବୁଡ଼ିଲା ;
କି ଅପୂର୍ବ ସୁଗମ୍ଭୀର ରବ ବନସ୍ଥଳୀ
ପୂରିଲା ସେକାଳେ ତାହା ମନଃ ପାରେ କଳି,
ଅଶକ୍ତ ଲେଖନୀ ହାୟ ! ତାହା ବର୍ଣ୍ଣିବାକୁ ।
ମନେ ହୁଏ ବଧିର ହାୟ ! ସଦା ସହିବାକୁ
ତାଦୃଶ ସହସ୍ର କଷ୍ଟ କିପାଁ ନ ଲେଖିଲା !
ଅପୂର୍ବ-ନିରୟ-ବାସ କିପାଁ ଘଟାଇଲା !
ସ୍ପଷ୍ଟ ଅଛି ମନେ ଅଙ୍କା, ଅତି ଭ୍ରମ ଜ୍ୱର
ଅରଧବରଷ ଯାଏ ମୋହ କଳେବର
କଲାକ ଆବାସ-ସ୍ଥାନ; ମୋହ ପରବଳ
ଦିବସ-ରଜନୀ-ଦୁଇ ଇନ୍ଦ୍ରିୟ ସକଳ
ଶକ୍ତି-ପରିହୀନ କଲା; ହେଉଛି ମନରେ
କିପାଁଇ ଅନନ୍ତ ମୋହ, ଯାହାର କ୍ରୋଡ଼ରେ
ନ ଜାଣେ ପରାଣୀ ଦୁଃଖ, ସୁଖ ନ ଜାଣଇ,
ନ କଲା ଏ ଦେହେ ବାସ, କିପାଁ ନ କରଇ
ଏ କଷ୍ଟରେ ବାସ ପୁନଃ ! ଅହେ ଦୟାକର,
ଶୁଦ୍ଧ-ଶାନ୍ତ-ନିଧେ ମୋହ ! ବାରେ ଦୟା କର;

Reprocessed by srujanika@gmail.com

ପୂର୍ବ ପଣ୍ଣ ଦେଇ, ହେବ କ୍ରୀତଦାସ,
ଏ ନରଯ୍ୟେ ଥିବା ଯାଏ କର ତୁ ଆବାସ
କରୁଣା-ଭିଖାରି-ଦେହେ !—ଅଛି ମୋ ବାସନା !
ଅଛି ଏ ଗୁହାର ମୋର ! କୌମୁଦୀ-ବସନା
ବିମଳ ଶାରଦନିଶା କେବେ କି ସମ୍ଭବେ
କଜ୍ଜଳ-ନୀରଦ-ବୃନ୍ଦ ବର୍ଷାକୁଳ ଭବେ !

କୃପା ଅକୂପାର କୃପା କର ରୋଗାବଳ !
ଯାବେ ଯନ୍ତ୍ର ଜଣାଉଛି ରଙ୍କ ମୋର ଅଳ ;
ଜୀବେଶ-ଭବନେ ପ୍ରେରି କର ଜୀବ-ଶେଷ ;
ଘୋଷିବ ଚୌଦିଗେ ଯଶଃ; ପ୍ରଶଂସା ଅଶେଷ
କରିବ କହୁଛି ଠିକ ; ଯଶଃ ଯେ ଅମର
ବୋଲିବା ବାହୁଲ୍ୟ ଅଟେ ; ଯଦ୍ୟପି ଆଦର
ଯଶଃ-ସମ ରତନର ଥାଏ ଦୁର୍ଦ୍ଦିନେ
ଭୂଷାଅ ବହନ ଅଙ୍ଗ ଇନ୍ଦୁଶ ରତନେ ।
ଇନ୍ଦ୍ରାୟୁଧ ! ଭୀମ ଅଟ ଭୀରୁ-ନୟନରେ,
କିନ୍ତୁ ମଣେଁ ମିଦ ମୁହିଁ, କୃପା-ଦୃଷ୍ଟି ଥରେ
ଏ ଦୀନ ଉପରେ କ୍ଷିପ ; ଜୀବେଶ-ଭବନେ
ଗମନେ ସହାୟ ହୁଅ ; ଚଉଦଭୁବନେ,
କହୁଛି ଶପଥ କରି, ରହିବ କୀରତି ;
ଦମ୍ଭୋଳେ ! ନାହିଁ କି ତବ କୀରତିରେ ରତି ?

ଆଶ୍ଚର୍ଯ୍ୟ !—ଅନୁଜ ! କ୍ଷମ ମୋହର ଏ ଭ୍ରମ ।
ଲିପି-ଲେଖା ନଦୀ-ଗର୍ଭେ ଥିଲା ଚନ୍ଦ୍ରା-ଭ୍ରମ ।

ଭାସୁଁ ଧୀରେ ନଦୀରଙ୍ଗେ ପଡ଼ିଲି ଭ୍ରମରେ !
କ୍ଷମ ଭ୍ରମ ମମ ଭ୍ରାତଃ ! ବୋଲେଁ ବିନୟରେ ।

Reprocessed by srujanika@gmail.com

ଭ୍ରମିଅଛୁ ଭ୍ରାତଃ ! ଭ୍ରମ ଭଞ୍ଜ-ଭୂମି-ବନେ,
ଉପୁଜିତ ନାହିଁ କିନ୍ତୁ ଭୟ ମୋହ ମନେ
ତଥା ଯଥା ଅନୁଭବେଁ ଏ ଅପୂର୍ବ ବନେ ।
ଅତିକ୍ରମିଅଛୁ ବହୁ ଭୂଧର-ସଙ୍କଟ,
ଦେଖିଥିଲି ନାହିଁ କିନ୍ତୁ ଏସନ ସଙ୍କଟ ।
ଶୁଣିଅଛୁ କାରାଗୃହ ଯନ୍ତ୍ରଣା-ନିଳୟ,
କିନ୍ତୁ ତାହା ନୁହେ ନଷ୍ଟେ, ଇଦୃଶ ନିରୟ;
ଏତେ ଦିନ ବୋଲି ଅଛୁ କାରା-ବାସ-ସୀମା,
କିନ୍ତୁ ଜାଣ ଏ ଅପୂର୍ବ-କାରା-ବାସ-ସୀମା
ଇହ-ଜନ୍ମ-ଶେଷଯାଏ । ଅପୂର୍ବ ସ୍ଥାନରେ
ବାସ ଯୋଗୁଁ କି ଅପୂର୍ବ ଉଦଇ ମନରେ
ଭାବନା-ଲହରୀ-ଚୟ, ଥାଉ ଭାଷା-କଥା,
ଅନନାଦ-ଭଙ୍ଗିରେ କି ଅଟଇ ସର୍ବଥା
ବର୍ଣ୍ଣନ କରିବା ବ୍ୟକ୍ତ; ଜାଣେ ସେହି ଜନା,
ଭୋଗିଛୁ ଯେ ଏ ନିରୟ; ହାୟ ! ତାହା ବିନା
କେମନ୍ତେ ଜାଣିବ କହ କିଏ ଏ ଜଗତେ !
—ହେ ଈଶ ! ପ୍ରାର୍ଥୁଛି ଦୀନ, ଯେମନ୍ତେ ଏ ଜଗତେ
ନ ଘଟୁ, ନ ଘଟୁ କେଉଁ ଇଦୃଶ ନିରୟ
ଭୋଗିବା କାହାର ଭାଗ୍ୟ । ଅହେ ଦୟାମୟ !
କି ପାପ କଲି ମୁଁ ପୂର୍ବେ, ଏହା ଯାହା ଫଳ!!
ପ୍ରାର୍ଥେଁ, କହ କର କୃପା, କେଉଁ ତପୋବଳ
ସେ ଦୁରିତ-ପାଶ-ନାଶେ ଅଟେ ସମରଥ ।
ନ କର ପ୍ରାର୍ଥନା ବତ୍ସେ ! ମୋର ବିଅରଥ ।
ଅନୁଜ ! ଅବୋଧ ହାୟ ! ଅଟେ ମନଃ ମୋର;
କେତେ ଉପଦେଶେ ମୁହିଁ; ଶ୍ରବଣ-ଗୋଚର

Reprocessed by srujanika@gmail.com

ନ କରେ କଦାପି ସ୍ନେହ; ବିହଗ ଯେସନ
ରଖିଲେ ପିଞ୍ଜରେ, ତହିଁ ନ ଲାଗଇ ମନଃ,
ହେଲେ ମଧ୍ୟ ପିଞ୍ଜରଟି ମଣି-ମୁକ୍ତା-ମୟ;
ନର-ନେଏ ଆକର୍ଷଇ ମଣି-ମୁକ୍ତା-ଚୟ;
ତହିଁରେ ପକ୍ଷିର କିସ ? ରତ୍ନ-ଶଙ୍କ ବନ
ବିହଗ ମଣଇ ବଡ଼ ବନ-ଫଳାବଳ ।
ମାନବ ଯାହାଙ୍କୁ ପୁଣି ବୋଲଇ ରତନ,
କେ କହନ୍ତା ପକ୍ଷୀ ମଣେ ତାଙ୍କୁହିଁ ରତନ ?
ପଦ୍ମରାଗ ଅପଦାର୍ଥ, ବଟଫଳ ବର;
ବଟ-ପତ୍ର ମରକତୁଁ ବଳ ପ୍ରୀତିକର ।
ସତ୍ୟ ଅଟେ ବିହଙ୍ଗମ ପିଞ୍ଜରେ ରହଇ
ପର-ପାପ-ଅଭିଳାଷ-ବଶବର୍ତ୍ତୀ ହୋଇ ;
କିନ୍ତୁ ସେହି ପର ତାର ସେବାରେ ତତ୍ପର
ରହିଥାଏ ଅନୁକ୍ଷଣ; କିନ୍ତୁ ଏଥି ମୋର
ତାଦୃଶ କିଏହା ଅଛି ! ନ ରହିଁ ନରକୁ
ଯଥା ଦଣ୍ଡ ଦଏ ତଥା ନୁହେ ଶ୍ୱାପଦକୁ ! !
ବୃଥା-ଅହଙ୍କାର ନର ଆପଣାକୁ ମଣେ
ସୃଷ୍ଟିମଧ୍ୟେ ସର୍ବ-ଶ୍ରେଷ୍ଠ ; ଭାବଇ କି ମନେ,
ଘାତକ କେଉଁର ବଳେ ଯାହା ବ୍ୟବହାର
କିରୂପେ ଶୋଭଇ ଗର୍ବ ଏସନ ତାହାର !
ଅଥବା ଜ୍ଞାନର ଅଟେ ଏହା ପରିଚୟ ;
ଜ୍ଞାନ ଦେଲେ ସ୍ରଷ୍ଟା ତାକୁ ଗୁରୁ-ପାପ-ମୟ
ମେଦିନୀ କରିବ ବୋଲି ? ଧିକ ଏ ଜ୍ଞାନକୁ !
କାହିଁକି ? —ସହସ୍ର ଧିକ ମୋର ଅଦୃଷ୍ଟକୁ !

Reprocessed by srujanika@gmail.com

ଅନୁଜ ! କହିବ କିସ ! ଯଦା ମୁଁ ଭାବଇ
ସ୍ୱଗୃହ—ସ୍ୱଗୃହ ହାୟ ! ଉଚିତ ନୁହଇ
ବୋଲିବା ମୋହର ଆଉ ! ଥିଲି ଯେତେ ଦିନ
ଗୃହ-ବାସ ଲଲାଟରେ , ସିନା ତେତେ ଦିନ
ସ୍ୱଗୃହ ବୋଲିବା ଯୁକ୍ତ ; ଯାହା ଅଦୃଷ୍ଟରେ
ନରକରେ ବାସ ଅଛି, କହ କିରୂପରେ
ସ୍ୱଗୃହ-ସ୍ୱର୍ଗକୁ ସେହୁ ବୋଲେ ନିଜ ବୋଲି ?
ତଥାପି ଅବୋଧ ମନଃ ନ ପାରଇ ଭୁଲି !
ତଥାପି ଅବୋଧ ବୋଲେ ତାହାକୁହିଁ ନିଜ ;
କ୍ଷମ କ୍ଷମ ଦୁରାକାଂକ୍ଷା ବନ୍ଧୁତ-ମଣ୍ଡଳ—
ସ୍ୱଗୃହ ଭାବଇଁ ଯଦା ଚିନ୍ତାରେ ମଗନ ,
ବରଷାରେ ନଦୀ ଯଥା , ଉଛୁଳଇ ମନଃ ।
"ଜନନୀ ଓ ଜନ୍ମ-ଭୂମି ସ୍ୱର୍ଗୁଁ ଗୁରୁତର"
ନୁହଇ ଅଳୀକ କେଭେ ଜନନୀ ମୋହର
ଜୀବିତ ଛନ୍ତି ତ ନିଶ୍ଚେ ? ଚରଣେ ତାଙ୍କର
ଜଣାଇବ ମୋ ପ୍ରଣାମ । କହିଗତ ଜଳ
ଜ୍ୟେଷ୍ଠସୁତେ ମାତଙ୍କର ସେନେହ-ବନ୍ଧନ
ନୁହଇ ତାଦୃଶ ଗୁରୁ , କନିଷ୍ଠେ ଯାଦୃଶ ;
ହୋଇପାରେ ଯଥାରଥ ଉକ୍ତି ଏତାଦୃଶ ;
କିନ୍ତୁ ମଣେ ଏ ଦୁର୍ଭାଗ୍ୟ, ହେଉ ଯେତେ ସରୁ ,
ସେନେହ-ପ୍ରଣାଳୀ , ମାତୃ-ହୃଦ-ସାଗରରୁ
ସୁତ-ହୃଦ-ସାଗରଣଂ ସମ୍ପୂର୍ଣ୍ଣିରୂପରେ
ପ୍ରଭେଦ ପାରେ କି କେବେଁ ? ସିନ୍ଧୁ-ଏକାଂଶରେ
ଜୀବନ-ସଞ୍ଚାର ହେଲେ ଅପର ଅଂଶରେ

Reprocessed by srujanika@gmail.com

ସ୍ଥିରତା କି ସମ୍ଭବଇ ? ମାତାଙ୍କୁ କହିବ
କୁଳର କଳଙ୍କ ଲାଗି କେବେ ନ ଭାଳିବ ।
ଭାବନାରେ କାହିଁ ଲାଭ ?—ହାୟରେ ପ୍ରେୟସୀ
ମୋହର ଭାଳୁଣି ଥିବ ଅହର୍ନିଶ ବସି ।
ସୁଲୋଚନା ନାମ ତାର ; ସତ୍ୟ ସୁଲୋଚନା,
ଅନ୍ତତଃ ଏ ଦୀନ-ନେତ୍ରେ ; ହାୟରେ ବାସନା
ନ ପୂରୁଣୁ ମୋ ବାମାର ବିହି ଅକରୁଣ
ଘଟାଇଲା କୁକ୍ଷଣରେ ବିଚ୍ଛେଦ ଦାରୁଣ ;
ତାରୁଣ୍ୟ-ତଟରେ ରମା ଦେଇଥିଲା ପଦ ,
ଏସନ କାଳରେ ହେଲା ବିଚ୍ଛେଦ-ଅପଦ ;
ପତି-ତିର-ନେତା ହାୟ ! ଦୁର୍ଦ୍ଦଶା ତରଙ୍ଗେ
ପତିତ ହୋଇଣ ଭାସିଭାସି କେତେ ରଙ୍ଗେ
ଦୁର୍ଗମ ମରୁରେ ପଡ଼ି ହେଉଛି ବିକଳ ।
ହେଉଥିବ ପ୍ରିୟା ଚିନ୍ତା ଇନ୍ଦୁକ ଅବିକଳ ।
ସମ୍ମୁଖେ ସଂସାର-ସିନ୍ଧୁ ; ସରଳା କେସନ
ତରିବ ବାରିଧି ଭାବି ବିଦରେ ମୋ ମନଃ ।
ଯଦି ମୋ ଭାଗ୍ୟରେ ଥିଲା ଦୁର୍ଗତି ଏସନ
ଅବିବେକ ବିହି ହାୟ ! ଦୁହିଙ୍କ ମିଳନ
ଘଟାଇଲା କିସ ଲାଗି ! ଭାବନା ଏସନ
ଦହୁଛି ପରାଣ ମୋର, ଯେସନେ ହୁତାଶନ ।
ମନୁଷ୍ୟ ଭାବେ କି କେବେହେଁ ଆପଣାର ଲାଗି ?
କଦାପି ନା; କଦାପି ନା, ଭାବେ ତାହା ଲାଗି
ସଂସାରେ ଅପର ପ୍ରାଣୀ, ଏହି ଭାବନା ହିଁ
ଦହଇ ପରାଣ ସଦା, କିନ୍ତୁ କରେ ନାହିଁ

D

Reprocessed by srujanika@gmail.com

କି ଲାଗି ଶରୀର ହାୟ ! ରହେ ସତତ !
ନ ଥିଲେ ଏସନ ଚିନ୍ତା, ହୁଅନ୍ତା ଜଗତ
ସର୍ବ-ଦୁଃଖ-ଭାରୁ ମୁକ୍ତ । ସୁହୃଦର ମୋହର
ଅନୁଜ ! ତୁମ୍ଭର ଠାରେ, ନ ଯିବ ପାସୋର,
କହିବ ପ୍ରିୟାକୁ ମୋର, ସେହୁ ଅନୁକ୍ଷଣ
ନ ଭାଳିବ ମୋହଲାଗି; ତାହାଙ୍କ ଚରଣ
ସରଳା ଶରଣ ଲଭୁ, ଯାହାଙ୍କ ଆଜ୍ଞାରେ
ଲଭନ୍ତି ଜନମ-ମୃତ୍ୟୁ ସର୍ବେ ଏ ଧରାରେ ।
ତାଙ୍କ ନାମ ଦୀନବନ୍ଧୁ, ଆରତ-ଭଞ୍ଜନ ;
ଅଚିରେ ଦୁର୍ଗତି ମୋର କରିବେ ଖଣ୍ଡନ;
ଏସନ କଳ୍ପନେ ମୁହିଁ—ଅଥବା କି ଛାର
ଏ ଅପୂର୍ବ କାରାବାସ, ଯେଣୁ ଏ ସଂସାର
ଶୟନ ସ୍ୱପନ ପର ; ଅବଶ୍ୟ ମୁକତ
ଲଭିବି ଏ କାରାବାସୁଁ ଯଦା ପତନତ
କ୍ଷିତି-ଅପ୍-ପଞ୍ଚଭୂତେ ଘଟିବ ଦେହର ।
ପଶାସିବ ହେ ଅନୁଜ ! ମାଗୁଣି ମୋହର
ନାନାରୂପେ ପ୍ରେୟସୀକି । ତବ ଲିପି ଅସି
ଯେତେବେଳେ ମୋ ଆଗରେ କହିବ ପ୍ରକାଶି
ଅଶ୍ରୁତା ହୋଇଛୁ ଆରୁ, ତେବେ ଯାଇ ମୋର
ଘୁଞ୍ଚିବ, ଅଳପ ହେଲେ, ବେଦନା ମନର ।
କି ଭ୍ରମେ ପଡ଼ିଛୁ ମୁହିଁ ! କାହାକୁ ବୋଇଲା
ମୋ ମନଃ ମୋ ପ୍ରିୟା ବୋଲି ! କିଏବା କହିଲା
ଯାକୁ ପ୍ରିୟା ବୋଲେଁ, ଅଛି ସେ ପ୍ରାଣୀ ଜୀବିତ ;
ସିଏ ନାହିଁ ଅପରକୁ ସମ୍ପେନା-ଜୀବତ

Reprocessed by srujanika@gmail.com

ମୋହ ଆଗମନ ପରେ । ଧିକ୍ ଚିନ୍ତା ଏକ୍ଷଣ ।
ହସ୍ତ-ଭ୍ରଷ୍ଟପାଇଁ ହାୟ ! ଅବୋଧ ଏ ମନ !
ଝୁରିଲେ କିପାଁ ଅକାରଣ ! ଭ୍ରାନ୍ତ ଏହିରୂପ
ତନୁତ ହୋଇବ କ୍ଷୀଣ, ଚନ୍ଦ୍ରିମା ଯେରୂପ
ନିଦାଘ-ଉତ୍କଟ-ତାପେ—କି ଲଭେ ତନୁରେ !
ହର-କୋପାନଳ ଯେତେ ଅତନୁ-ତନୁରେ,
ଦହିଲା, ପଡ଼ିଲା ମାତ୍ରେ, କିପାଁ ଚିନ୍ତାନଳ
ନ ଦହେ ଏ ଦେହ ତଥା ? ଜଗତୁଁ ଗରଳ
ହରିଲା ସକଳ କିଏ ? ପଡ଼ିଲେ ମୋ କରେ
ପିଇ ମୁଁ ବୁଡ଼ନ୍ତି ବାରେ ଶାନ୍ତି ସମୁଦ୍ରରେ ।
    ପୁଚ୍ଛଇଁ ମୁଁ ବନ୍ଧୁ ! ଅଛନ୍ତି ଉତ୍କଳଦେଶରେ
ଅନେକ ତ ଧନୀ ଲୋକ ; କେହି ତା-ମଧ୍ୟରେ
ଦୟା-ପ୍ରଦର୍ଶନ କରି ଅଧମ ଉପରି
ଏ ନିରସ୍ୱଁ ନାହିଁ କହେ ପାରିବେ ଉଦ୍ଧରି ?
ପବିତ୍ର ଉତ୍କଳଦେଶେ ଘୋଷ ଏ ଘୋଷଣା—
"ଅପୂର୍ବ କାବ୍ୟରେ ରୁଦ୍ଧ, କରୁଛି ଯାଚନା,
ଉତ୍କଳ-କଳଙ୍କ କେହି; ଅହେ ଧନିଗଣ !
ଦେହେ ତୁମ୍ଭମାନଙ୍କର ନାହିଁ କି ଜୀବନ ?
ଧମନୀରେ ତବ କିହେ ନ ବହେ ରକତ !
ତୁଷ୍ଟିକେ ଦାନବା ଭିକ୍ଷା ବିବେକାନୁମତ
ନହିଲ କି ଭାବ ଦେଖ । ମାଗୁଛି ଭିଖାରି,
କୀର୍ତ୍ତି ରଖ ଏ ବିପଦୁଁ ତାହାକୁ ଉଦ୍ଧାରି ।"
—ଆଶ୍ଚର୍ଯ୍ୟ ! ପ୍ରଳାପେ ମୁହିଁ ଏସନ କହିଁଇ
ଯାର ଲାଗି ଧନୀ କେବେ ଭାବୁଛନ୍ତି ନାହିଁ !

Reprocessed by srujanika@gmail.com

—ଅନୁଜ ! ପ୍ରଳାପ କ୍ଷମ ଏସନ ମୋହର,
ପ୍ରଳାପୁଁ ପ୍ରଭାତ ହେଲା, ନାହିଁ ଅବସର ।

* * * * *

ଅଦୃଷ୍ଟ-ଲେଖନ ହାୟ ! କେ କହିବ ଆନ ?
ପୂରନ୍ତୁ ଆସାମ ଦେଶ ଶୃଙ୍ଗୁ ଦୃଶ୍ୟମାନ ;
ଇଦୃଶ ସୁରମ୍ୟ ସ୍ଥଳେ ମାନେ ପରାଜୟ
ଭୀମ- ମୂର୍ତ୍ତି ବଜ୍ରନଘା ! କାନ୍ତୁ ଡର ନରୟ
ଏ ପରା ପ୍ରଦେଶ ଅଟେ ମାଦୃଶ ଜନର !
ନ ସ୍ଫୁରେ ଭାରତୀ ମୁଖୁଁ, କମ୍ପଇ ଅଧର···
କାହାଣୀ କହିଲେ ମୋର ; କେତେ ବା କହିବ !
ବର୍ଣ୍ଣିବା ଶକତ ହାୟ ! ନ ଦେଲା ବହିବ !
ମାନସ-ସାଗର ଫେଡ଼ି ଲେଖନୀ-ପ୍ରଣାଳୀ
ଢାଳୁଥିଲା ଭାବ-ବାରି; ନଶି-ଶେଷ-ଆଳୀ
ଏସନ ସମୟେ ହେଲା ଗୁରୁ ଅନୁଗ୍ରହେ;
ତେଣୁ ମୁଁ ଗ୍ରହିଲି ବସ୍ତ୍ର ! ହୋଇ ଅସହାୟ
{ ଲିପି ଲେଖା ତତକ୍ଷଣ । ଏହାତ ନୁହଇ
ଲିପି ଲେଖା କଦାଚନ, ତାହା ମୁଁ ଜାଣଇଁ,
ମନଃ ପ୍ରଭୁ ଆଦେଶରେ କାନ୍ତୁ ଲେଖିଲଇଁ ।

୧୨— ଝଟିକା ।

ବଗତ ପରାୟେ ନଶା-ପ୍ରଥମ-ପ୍ରହର ।
ଘନତମ-ଘନ-ଘଟା ଘୋଟିଲା ଅମ୍ବର ।
ଯହୁ ନେବ ପଡ଼େ ତହିଁ ଅନ୍ଧ ଅନ୍ଧକାର ;
ଲଭିଲା ନଶିଲ ମହୀ ଅପୂର୍ବ ବକାର ।

Reprocessed by srujanika@gmail.com

ନଦାଙ୍କ-ସ୍ତଦୋଷ-ଭବ ମଧୁର ସମୀର
କ୍ରମଶଃ ହୋଇଲା ଏବେ ଅଧିକ ଅଧୀର ।
ବହିଲା ହୁହୁହୁ ଶବ୍ଦ ଘଢ଼ ପ୍ରଭଞ୍ଜନ ;
ମହୀରୁହଗଣେ ହେଲେ ମଦ୍ୟପ ଯେସନ ,
ପ୍ରିୟ-ସୁତ-ନାଶେ ଯଥା ପିତା-ପ୍ରସବିଣୀ,
ଅବା ଯଥା ପତି-ପ୍ରାଣା ବାମା ଉନ୍ମାଦିନୀ
ହୃଦୀଶ-ବିନାଶ ଶୁଣି । ଏ ସବୁ ନୟନ
କିନ୍ତୁ ତମିସ୍ରାବ କଷ୍ଟ ନ କଲା ଦର୍ଶନ ।
ପ୍ରଭଞ୍ଜନ-ବେଗ ଦେଖି ଅତି ତରତର,
ବିପଦ ଆଶଙ୍କି, ଜନେ ହେଲେ ଅଗ୍ରସର
ଆହାରାଦି-ସମାପନେ । ବାଲକ-ରତନ
ଦିବସେ କ୍ରୀଡ଼ାରେ ଶ୍ରାନ୍ତ ମନୋଜ୍ଞ ଶୟନ
ଭୁଞ୍ଜୁଥିଲେ, ଏ ସମୟେ ପ୍ରବୋଧି ସନ୍ତ୍ରସ୍ତ
ଭୁଞ୍ଜାଇବ ବୋଲି ଅନ୍ନ ଅତି ଦ୍ରୁତ-ଗତି
ଚଳିଲ ଆକୁଳା ମାତା । କାହିଁ ପ୍ରିୟବର
ଡାକନ୍ତେ , ତେଆଗି ଅନ୍ୟ କାର୍ଯ୍ୟ ଗୁରୁ-ତର
ହୋଇଲ ବଲ୍ଲଭ-ମଣି ଅଶନେ ତତ୍ପର ।
କାହିଁ ପୋଥି ହାତେ ଧରି , ପୋଥି ବସ୍ତ ମଣି
କୁମର ପଢ଼ୁଣ ଥିଲ ; ଡାକନ୍ତେ ଜନନୀ
ଆନନ୍ଦେ ଅଧୀର ହୋଇ ପୁସ୍ତକ ଥୋଇଲ ,
ପାଶ-ମୁକ୍ତ ଏଣପରି ଅଶନେ ଚଳିଲ ।
କାହିଁବା ନବୀନ କବି କଳ୍ପନା-ବ୍ରତୀ—
ଅଙ୍କୁ ଭାବ-ପୁଷ୍ପାବଳି ଯତନରେ ଅତି
ତୋଳିଣ , କବିତା-ମାଳା ଗୁନ୍ଥି ବସିଥିଲା ;
ଅର୍ଦ୍ଧଗୁନ୍ଥା ମାଳା ଥୋଇ ବହନ ଚଳିଲା ।

Reprocessed by srujanika@gmail.com

ଥୋକାଏ ପ୍ରବୟଃ ଦେଖି ଘନ-ଆବରଣ
(ସ୍ୱୀକାର ଘଟାଇ ପାରେ ପ୍ରଳୟ ଏ ଘନ)
ଷଣ୍ଢ-ବିନଶ୍ୱର-ଭାବ-ପ୍ରଭୁ-ବଡ଼ପଣ —
ପ୍ରସଙ୍ଗ-ଗିରିରୁ ବହୁ ତର୍କ-ପ୍ରସ୍ରବଣ
ଝନମାଉଥିଲେ ; ଏଣେ ବାମ ପ୍ରଭଞ୍ଜନ
ଶଙ୍କା-ବନ୍ଧେ ରୁଦ୍ଧ କଲା ସେହି ପ୍ରସ୍ରବଣ ।
ମନୋଜ୍ଞ ବାଦ୍ୟ ଘେନି ବାଦନ-କୁଶଳ
ବାହିଁବା ଆରମ୍ଭିଥିଲେ ଯୁବକସକଳ
ଶବ୍ଦ-ରସ-ଅନୁରାଗେ ଲଳିତ ବାଦନ ;
ତହିଁ ଛୁଛୁ! ବାଧା ଦେଲା କୁରୁଚି ପବନ ।
ପାନ୍ଥ ହତ-ବୁଦ୍ଧି ଦେଖି ବିପତ୍ତି ଏସନ
ଧାଇଁଲା ଅଶନି-ବେଗ ଆରତ-ଭଞ୍ଜନ—
ନାମ ସ୍ମରି ଅନୁକ୍ଷଣ , ଲକ୍ଷି ପାନ୍ଥାଶ୍ରମ ;
ଭକ୍ତର ସର୍ବାଙ୍ଗ ତାର ବହିଲା ଘରମ ।
  ତ୍ରିଯାମା ନିଶୀଥ ଯହିଁ କଲା ଅତିକ୍ରମ
ବହିଲା , ପ୍ରଳୟେ ଯଥା , ଭୀମ ବାତ୍ୟା-କ୍ରମ ।
ସାର୍ଥକ ହୋଇଲା ଏବେ ନାମ ପ୍ରଭଞ୍ଜନ ,
କେତେ ମହୀରୁହ-ବର କେତେ ଯେ ଭବନ
କଲା ଛିନ୍ନ-ପତ୍ରହୀନ , କିଏ ସମରଥ
ଛନ୍ଦିବ ସେ ମର୍ମ୍ମ-ଭେଦୀ ଚିତ୍ର ଯଥାରଥ !
ବଣ-ବଣ ଧ୍ୱଂସ କଲା କ୍ରୂର ପ୍ରଭଞ୍ଜନ;
ରସାଳ-ପନସ-କୁଳ — ଯଥା ଯଦୁ ଜନ
ହୀରକ-ହାଟକ-ଜାତ-ଜାତ ଭୂଷଣରେ
ଭୂଷିତ-ସର୍ବାଙ୍ଗ ପଡ଼େ ଦସ୍ୟୁ-କବଳରେ ,

Reprocessed by srujanika@gmail.com

ଛିନ୍ନ-ସର୍ବ-ସ୍ୱାପଦେୟୁ , ଛିନ୍ନ-ପତ୍ରଧାନ ,
ଛିନ୍ନ-ନାସା-କର୍ଣ୍ଣ-ଭୁଜ , ଅସହାୟୁ , ମ୍ଳାନ—
ଛିନ୍ନ-ଶାଖା-ପର୍ଣ୍ଣ-ଫଳ , ଅତୀବ ବିକଳ ।
ମହାରଥ ଯଥା ଯୁଝି ଅରି-କୁଳ-ବଳ
କରେ ରଣ-ଭୂମି-ଶାୟୀ , ନାରକେଳ ତରୁ
ପରାକ୍ରାନ୍ତ ପ୍ରଭଞ୍ଜନ ନାଶିଲା ମୂଳରୁ
କେତେ ଯେ କେ ପାରେ ଗଣି ! ଜାଣି ଅବସର
ଅଚରିଲେ ସହାୟତା ନୀରଦ-ନିକର ।
ଘନ-ସଖା ପ୍ରଭଞ୍ଜନ ଧରା ଉତ୍ସାଦିଲା ।
ନେଏ କିନ୍ତୁ ତମସାବ ଏହା ନ ଦେଖିଲା ।
    ଯଥା କାଳେ ଉଷା ଦେବୀ ଦେଲେ ଦରଶନ
ଧରଣୀ-ବାସିଙ୍କ ବ୍ୟଗ୍ର ; କିନ୍ତୁ ବାତାୟନ
ଅବା ଦ୍ୱାର ଦେଇ ନୁହେ , ଅନ୍ୟଦା ଯେସନ ;
ତାମ୍ରଚୂଡ଼-ବାଯୃସାଦ ଉଷା-ଆଗମନ
ନ ଘୋଷିଲେ ଧରା'ପର । କବଏ ସତତ
ଦେଖନ୍ତି ପ୍ରଭାତକାଳେ ଦିନେଶ ଉଦ୍ଭବ;
ପ୍ରଭାତ-ସମୀର ବହେ ମଧୁଗନ୍ଧ ହରି;
କୁସୁମ-ବିକାଶ ଜାଣି ଗୁଣୁ ଗୁଣୁ କରି
ଧାବନ୍ତି ଷଟ୍‌ପଦାବଳି; ଉଠଇ ସତ୍ୱର
ନିଦ୍ରା ପରିହରି ଜନ; ମରାଳ-ନିକର
ଗମନ୍ତି ଉଦ୍ଦେଶି ସରଃ; ପ୍ରାଚୀ-ଲଲାଟରେ
ଅରୁଣ-ରକ୍ତିମ-ଛଟା ଜନ ମନ ହରେ ;
ଇତ୍ୟାଦ ବର୍ଣ୍ଣିବ କେତେ । କିନ୍ତୁ ଅଦ୍ୟ କବି
ଶୈତ୍ୟାକୁଳ ବହିର୍ଗମି ଯେ ଅପୂର୍ବ ଛବି

Reprocessed by srujanika@gmail.com

ଉଷା-ସାହାଯ୍ୟରେ କଲ୍ପ ନୟନ-ଗୋଚର
—ନଘଟୁ କଦାପି ପୁନଃ—ମାନସ-ସାଗର
ଉଚ୍ଛୁଳେ ସ୍ମରିଲେ ତାହା ; ସୁକ୍ଷୀଣା ଲେଖନୀ
ସେ ମରମ-ଭେଦୀ ଦୃଶ୍ୟ ନ ପାରେ ବରଣି ।
ଦେଖିଲୁ ମାନବ-ନେତ୍ର ନିଖିଳ ଜଗତ
ଅତି-ଭୀମ-ବିଶୃଙ୍ଖଳା-କରତଳ-ଗତ ।
ଉର-ନୟନରୁ , ଯଥା ଆକାଶସଲିଳ ,
ଝରଇଲା ଅସ୍ରାସାର ; ହୋଇଲା ଶିଥିଳ ;
ପ୍ରିୟ-ନାଶେ ଯଥା , ମନଃ ଦେଖି ଏ ବିପଦ ।
କିନ୍ତୁ ଭାବନା ତ ବୃଥା , ଯେଣୁ ନିରାପଦ
ଧରଣୀ-ମଣ୍ଡଳେ କିଏ ? ଅଲଙ୍ଘ୍ୟ ନିୟତି
ନ ସହି ଜଗତେ କାହିଁ ମାନବର ଗତି ?
ଯେ ଇଚ୍ଛେ ସମ୍ପଦ-ଭୋଗ , ସହିବ ଆପଦ ।
ତେବେ ହେ ଧରଣୀ-ବାସି ! ଭଜ ତାଙ୍କ ପଦ ,
ଅସ୍ଥିର ନିୟତି-ଚକ୍ର ଯାହା ଆଦେଶରେ
ଅବିରତ ଘୁରୁଅଛି , ବିଶୁଦ୍ଧ ସୁଖରେ
ଯଦି ଥାଏ ଅଭିଳାଷ; ଅତିଗ୍ମାଂଶୁ-ପ୍ରଭ
ଜନ-ମନୋ-ମୋହକର ବିପୁଳ ବିଭବ,
ଅତିଗ୍ମାଂଶୁ-ଅନୁଗାମି-ସାନ୍ଦ୍ର-ତମୋ-ନିଭ
ସୁଖ-ଅନୁଗାମୀ ଦୁଃଖ, ସଜ୍ଞାନ ଦଶିବ ।

---

୧୨ –

ପର୍ବତ ।

ଅଙ୍କନ-କୌଶଳେ ଏବା* କଳ୍ପନାସୁନ୍ଦରୀ
କାମ-ଶତ ନକ୍ଷତ୍ରରେ ଯେଉଁ ଚିତ୍ରମାନ

---

* ଏବା — ଅଙ୍କିବାକୁ ।

Reprocessed by srujanika@gmail.com

ସଦା ନାବ୍ୟ-ଅଭିଳାଷ ମାନବେ ଦେଖାଏ,
ତନ୍ତୁଁ ବଳ ପ୍ରୀତିକର ନାହିଁ ଜଗତରେ ।
କଳ୍ପନା-ସେବକ ପରା ସେହେତୁ ମାନବ ।
କଳ୍ପନା ପଠାଇ ଦିନେ ସ୍ୱୀୟ ଗୃହୁ ଚର
ଦେଖାଇଲା ମହୀଧର ବହୁଧା ଚରିତ—
ପ୍ରଥମରେ, ପ୍ରାଂଶୁତମ ଚୂଡ଼ା-ଦେଶେ ଥାଇ
ତଳେ 'ଅଧଃ' ନେତ୍ର-ପାତ, ବୃହତ୍ତମ ସୌଧ
ତୃଣ-ତୁଲ୍ୟ ଦେଖେ ନେତ୍ର, ଜନ ବା କ ଛାର !
ଅନୁମାନେ ମନଃ ତହୁଁ, ପରମେଷ୍ଠି-ନେତ୍ରେ
ବୃଥା-ଅହଙ୍କାର ନର କେଡ଼େ କ୍ଷୁଦ୍ର ବସ୍ତୁ !
ଏହେତୁ କି ଯୋଗୀଜନ ଆଶ୍ରଇ ଭୂଧରେ ?
ଦ୍ୱିତୀୟ ସ୍ତରରେ ପୁଣି, ମହୀଧର-ପିତା,
ପରୋପକାରତା ମାତା, ବୃକ୍ଷଲତା-ଆଦି
କେବା ପୁତ୍ର କେବା କନ୍ୟା । କିନ୍ତୁ ମାତୃ-କଳା
ଗଙ୍ଗଇ ବିଶେଷରୂପେ ପ୍ରଥମ ସନ୍ତତି
ନିର୍ଝରିଣୀ-ଅବୟବେ । ମହତ ଜନର
ବେଭାର ମହତ ସହ; ତେଣୁ ନିର୍ଝରିଣୀ
ମହତ ସିନ୍ଧୁର ଜାୟା; ଦୌହିତ୍ରେୟ ଘନ
ଚପଳା-ସୁନ୍ଦରୀ-ପତି ଯେଥା ମୂର୍ତ୍ତି ଧରି
ନାଚଇ ନଭଃପୁରେ ଇନ୍ଦ୍ରାୟୁଧ-କର ।
ପରବର୍ତ୍ତୀ ସ୍ତରେ ଦେଖେ, ଧରଣୀ ଜନନୀ,
ନଗ ଉରସିଜ ତାର, ନଦୀ କ୍ଷୀର-ଧାର;
ସେ କ୍ଷୀର ପିଆଇ ମାତା ବଞ୍ଚାଏ ସନ୍ତାନେ
ପଶ୍ୱି-ଉଦ୍ଭିଦ-ଆଦି; ତୁରୀୟ ସ୍ତରରେ

Reprocessed by srujanika@gmail.com

ବିଶୁଦ୍ଧ-ବସ୍ତୁ-ପୂର୍ଣ୍ଣ ଦେଖେ ଏଥୁ ଅନନ୍ତ
ଅନବରତଃ ଚଉଦିଗେ; ବୃଷ୍ଟି ଅବିଷୟ
ନୁହଇ ଭୂଧର ଏକା, କିନ୍ତୁ ଚରାଚର ।
ଦେଖୁଁ ଦେଖୁଁ ଶେଷରେ ବନ୍ୟା-ଲହରୀ
ପ୍ରବଳ ଆସିଣ ବେଗେ ଜନ୍ତୁ-ପୁଞ୍ଜଙ୍କୁ
ଭସାଇ ବିଷାଦ-ସିନ୍ଧୁ-ଗର୍ଭେ ପକାଇଲା ।

ଶରତ୍ ।

ଦୁର୍ଦ୍ଧର୍ଷ-ବରଷା-ଅତ୍ୟୟାଗମନ,
ଅଭିନବ-ଅମଳ-କୌମୁଦୀ-ବସନ,
ଋତୁରାଜ-କଳ୍ପ ଶରତ ଶୋଭନ
 କରେ ପଦାର୍ପଣ ଧରଣୀ'ପର ।
ଅଲକା ଅବନୀ ଏହା ଆଗମନେ
ପ୍ରକୃତି-ପ୍ରଦତ୍ତ ପ୍ରଚୁର ରତନେ;
ପ୍ରକୃତ ଚିତ୍ରିତ ବିଚିତ୍ର ବସନେ
 ଶୋଭା ଧରେ ଅହା କି ମନୋହର । ୧
ପ୍ରାଚୀ-ପାଣ୍ଡୁରତା ସୂଚଇ ଯେସନ
ଅଚିରେ ରଜନୀ-ନାଥ-ଉଦୟନ,
ଉଦ୍ଭିଦ-ଶରୀରେ ମୁକୁଳୋଦ୍ଗମନ
 ସୂଚଇ କୁସୁମ-ସମୟ ଯଥା ।
ପ୍ରକୃତି-ଶିଳ୍ପିର ଶକ୍ତିର ଗୁମର,
ମାନବ-ନୟନ-ଘଣ-ମୋହକର,
ଅନୁପମ ସୃଷ୍ଟି ବିକାଶ କାଶର
 ଶରଦାଗମନ ସୂଚଇ ତଥା ॥ ୨
ମାନବ-ଜୀବନ ବନ୍ଧୁ ଶସ୍ୟ-ଧନ
ଶାରଦୀୟ କ୍ଷେତ୍ର କରଇ ମଣ୍ଡନ ;
ଶସ୍ୟ-ଦୃଷ୍ଟି-ଭବ ଆହ୍ଲାଦ-ସ୍ରବଣ

Reprocessed by srujanika@gmail.com

ବହୁଇ ସତତ କୃଷକ-ମନେ ;
ନେଉଛନ୍ତି ଦକ୍ଷିଣୁ ବରେଣ୍ୟ ଭୁବନ
ଉତ୍ତରୀ-ପଥରେ କଲେ ପଦାର୍ପଣ,
ରଜ-ଦୃଷ୍ଟି-ଭବ ହିମାମ୍ବୁ-ସ୍ରବଣ
ବହୁଇ ଯେସନ ହିମାଦ୍ରି-ବନେ । ୩
ପକ୍ୱ ଶାଳି-ଅଳି ସୁବର୍ଣ୍ଣ-ବରଣ,
ଦୋଲାଇ ଦୋଲାଇ ବହିଲେ ପବନ
ଶୋଭା ଅବଲୋକି ପାଇଁ ମୁଗ୍ଧ ମନ
ଦର୍ଶକ-ହୃଦୟୁ ନୁହଇ କ୍ଷେପ,
କିମ୍ବା ବିଗଳଇ ସ୍ୱର୍ଣ୍ଣ-ଦ୍ରବ-ସରଃ ;
ଖେଳଇ ତା'ପରେ ମନ୍ଦ ଗନ୍ଧ-ବହ ;
ବାତ-ଘାତ-ଜାତ ହିଲ୍ଲୋଳ-ନିକର
ଅପରୂପ-ଶୋଭା ହରଇ ନେତ୍ର । ୪
ପ୍ରଫୁଲ୍ଲ ସୁନ୍ଦରୀ ପ୍ରସାଧିକା-ମଣି ;
ମରକତ ଜିଣି ହରିତ-ବରଣୀ
ଶାଢ଼ୀରେ ଆବୃତ କରଇ ଧରଣୀ ।
ତୁହି ତୁହି ମରକତେ ଆଦରେ ନର ।
ଏବେ ଚିନ୍ତାକର ! କର ଏ ବିଚାର—
ପ୍ରକୃତିର ଶାଢ଼ୀ, ମରକତ-ହାର,
ପ୍ରଶଂସିବା କହ ସୌନ୍ଦର୍ଯ୍ୟ କାହାର ?
କାହା ଶୋଭା ବଳ ଯୀରତ କର ? । ୫
ଗହନ ଗହନ କନ୍ଦର-ପ୍ରବର,
ସୁରଭି, କୋମଳ, ଅତି ମନୋହର,
ବିବିଧ-ଆକୃତି, ନାନା-ବରଣର
କୁସୁମ-ରତନେ ଖଚିତ କରେ ।

Reprocessed by srujanika@gmail.com

ରମଣୀୟ ଶୋଭା ଦେଖି ମଣି-ଗଣ
ଲଜ୍ଜାରେ ଲୁଚନ୍ତି ଖଣିରେ ବିଜନ ;
ସୁରମ୍ୟ ହର୍ମ୍ମ୍ୟରେ ରଜତ କାଞ୍ଚନ ;
ମୌକ୍ତିକ ଲୁଚଇ ଶୁକ୍ତି-ଗର୍ଭରେ । ୬

* * * *

* * * *

ଶାରଦ ଗଗନେ ଅଗସ୍ତ୍ୟ-ଉଦୟ
ଦେଖିଣ ତ୍ରସେ ସଲିଲ-ଆଶ୍ରୟ
ପଳାନ୍ତି ବହନ କଲୁଷ-ନିଚୟ ;
ସଲିଲ ଦିଶଇ ନିର୍ମ୍ମଳତମ ।
ମାନସେ ଯେସନ ତତ୍ତ୍ୱଜ୍ଞାନୋଦୟ
ଦେଖିଣ ମାନବ-ମାନସ-ଆଶ୍ରୟ
ପଳାନ୍ତି ଅଚିରେ କଲୁଷନିଚୟ,
ଅବା ଯଥା ରବି ଦେଖିଣ ତମଃ । ୭
ବିକଚ-ଶଶାଙ୍କ-କମଳବଦନା,
ଲାବଣ୍ୟରଚନା, ମରାଳଗମନା,
ଉଠି ଉଷା ସହ ତରୁଣୀ ଲଳନା
କାଖରେ କଳସ ଗମଇ ଧୀରେ ।
ବିମଳ ସଲିଲ ମୁକୁର-ପ୍ରବର ;
ଯୁବତୀ-ସୁଲଭ ଗରବ ତୃପର ;
ନିରୀକ୍ଷିବ ବୋଲି ମାଧୁରୀ ମୁଖର
ଯତନେ କଳସ ଥାପଇ ତୀରେ । ୮
ସଲିଲ-ମୁକୁରେ ଆନନ-ବିଧୁର
ଦେଖିଣ ରୂପସୀ ସୁଷମା ମଧୁର

Reprocessed by srujanika@gmail.com

ଗରବ ସହିତ ଆନନ୍ଦ ପ୍ରଚୁର
ଉପଭୋଗେ ହୁଏ ମୋହିତ କ୍ଷଣେ ।
କ୍ଷଣକାଳ ପାଇଁ ଭୁଲେ ପ୍ରୟୋଜନ ;
ଭୁଲଇ ସରସ କୂଳେ ସେ କଷଣ୍ଡ ;
ରୂପ-ଚନ୍ଦ୍ରା-ମୋହ-ମଗ୍ନ ତାହା ମନଃ ;
ଅନ୍ୟ ଭାବନା ହିଁ ନାହିଁ ତା ମନେ । ୯
ସୁର-ପୁର-ବାସୀ ସତତ ତ୍ରିଦଶ
ସାଧୁ-ସାଧୁ-ଭୂତ-ପ୍ରୀତ-ପରବଶ ;
ତେଣୁ ହେ ଶରତ ! ତୋ କର-ପରଶ
ଦେଲିଣ ମହୀରେ , ତ୍ରିଦଶ-ପତ
ଆହ୍ଲାଦେ ଆୟୁଧ ଅଶନ ଥୁଅନ୍ତି ,
ଗଗନ-ବିହାରୀ ଜଳଦ-ପଙ୍କତ
ଅଦ୍ଧାନ ସମୀପେ ଆଦେଶ ଦଅନ୍ତି—
ଧରଣୀରେ ହେଉ ବୃଷ୍ଟି-ବିରତ ।। ୧୦
ଦୁର୍ଦ୍ଦମ-କର୍ଦ୍ଦମ-ଜୀବନ ଜୀବନ
ନଷ୍ଟ କରେ କରେ ଗ୍ରହେଶ ତପନ ;
ସୁଗମ , ସୁନ୍ଦର , ଶୁଷ୍କ , ପରିଚ୍ଛନ୍ନ
ବିରାଜଇ ଏବେ ପଥ-ନିଚୟ ।
ଦେଖି ଆନନ୍ଦିତ ସର୍ବଜନ ମନ ;
ଦେଖିଣ ଆନନ୍ଦେ ପଥିକ ଯେ ଜନ
ଲୀଳାକ୍ରମେ ପଥେ କରଇ ଗମନ ,
ବିହାୟସେ ଯେହ୍ନେ ବିହଗଚୟ । ୧୧
ଶାରଦ-ପ୍ରଭାତ ସମୟେ ଭ୍ରମଣ
ପଲ୍ଲୀ ପ୍ରାନ୍ତଦେଶେ ଅତୀବ ମୋହନ—

Reprocessed by srujanika@gmail.com

ତରୁ , ପତ୍ର , ଫଳ , ତରୁଣ ତପନ
　　ସକଳ ପ୍ରଫୁଲ୍ଲ ଯୌବନ ଯଥା ।
ଯେତେ ଦେଖେ ତେତେ ଅତୃପ୍ତ ନୟନ ,
ଧନୀ ଲୋଡେ ଧନ ଅଧିକ ଯେସନ ;
ଜଳେ ମୀନଗଣ ଖେଳେ ଅନୁକ୍ଷଣ ;
　　ବୁଝଇ ପରାଣି-ମରମ-ବ୍ୟଥା ॥ ୧୨
ଶାଖି-ସମାରୂଢ଼ କାହିଁ ସର୍ପବରେ
କୋମଳ-ଶ୍ୟାମଳ-ପର୍ଣ୍ଣ ଶଯ୍ୟା'ପରେ
କମଳ-କଳିକା ଚୃରୁ ଶୋଭା ଧରେ ;
　　ଥରଇ ଅଧର ଅନଳ-ରସେ ।
ପାଖି-ଶାଖା-ପର୍ଣ୍ଣ-ଛାୟା-ମୟ ସରଃ ;
ପୂରୁବ ଗଗନେ ଶୋଭେ ଦିନକର ;
ଝଣ୍ଟି-ଅନ୍ତର ଦେଇ ରବି-କର
　　ପଡ଼େ ଜଳ'ପରେ ଏହି ସମୟେ ॥ ୧୩

* * * * * * * *

କାହିଁ ବା ବସୁଜେ ଶ୍ୟାମ ଦୂର୍ବାଦଳ ,
ତା'ପରେ ସୁଶୁଭ୍ର ଶିଶିର-ପଟଳ ;
ଉଭୟ ଅମଳ , ଉଭୟ କୋମଳ ;
　　ଦେଖିଣ ସୁଷମା କୁଅଇ ମନେ;—
ରମଣୀୟ ଶଯ୍ୟା ନବ ଦୂର୍ବାଦଳ ;
ଦେଖି ଶୟନେଚ୍ଛା ଅତୀବ ପ୍ରବଳ
କଲେକ ଅଧୀର ଅମର-ଯୁଗଳ ;
　　ଉଡ଼ାଇଲେ ବେନି ପ୍ରଫୁଲ୍ଲମନେ ॥ ୧୪
ଲଭିଲେ ଶରୀର ସେ ରମ୍ୟ ଶୟନେ ;

Reprocessed by srujanika@gmail.com

ଯାପିଲେ ଯାମିନୀ କେଳି-ବିନୋଦନେ;
ଉଦୟ-ଅଚଳେ ଦେଖିଣ ତପନେ
  ଶଶ-ବ୍ୟସ୍ତ ଦୁହେଁ ପଳାଇ ଗଲେ ।
ଦେବଙ୍କ ସରବ ଅନୁପମ କରେ;
ଦେବ-ମୁକ୍ତା ଦେଖ ଜଳ-ରୂପ ଧରେ;
ବାହୁଡ଼ନ୍ତେ ଦେବେ ତଆଗି ଭ୍ରମରେ
  ପତ୍ର-ଅଗ୍ର କେତେ ଧରଣୀତଳେ ॥ ୧୫
  ସୁମନ-ଶ୍ରେଣିରେ ଅତୁଲ ରତନ
ଶୃଙ୍ଗାରହାର * ମାଧୁରୀ ମୋହନ;
ପ୍ରବାଳ-ଖଚିତ ସ୍ଫଟିକ ଯେସନ
ଶୋଭା ପରକାଶେ ତାହା କ ଶ୍ରର ।
  ପ୍ରବାଳ, ସ୍ଫଟିକ କାଠିନ୍ୟ-ଦୂଷିତ;
କୋମଳତା-ଗୁଣେ କୁସୁମ ଭୂଷିତ;
ତେଣୁ ପର୍ବ ଦେବେ ଗୁଣ-ପ୍ରଶଂସିତ
  ଆଦରେ ପିନ୍ଧନ୍ତି ଶୃଙ୍ଗାରହାର ॥ ୧୬
ପ୍ରବାଳ, ସ୍ଫଟିକ ପୁଣି ଚିରସ୍ଥାୟୀ;
ଫୁଲ ଏହି ଅଛି, ପୁଣି ଏହି ନାହିଁ;
ବଳ ମନୋ-ଲୋଭା ଶୋଭା କ୍ଷଣସ୍ଥାୟୀ;
  ସତତ ଦୃଷ୍ଟାନ୍ତ ଦେଖ ଏହାର ।
ଦନ୍ତଫୁଟ କଥା ଶିଶୁର ମୁଖରେ,
ଲାବଣ୍ୟ-ମାଧୁରୀ ଯୌବନକାଳରେ,
ସୌଦାମିନୀ ଛଟା ଜଳଦ-ପଟରେ
  ନ କରେ ମୋହିତ ମନ କାହାର ? ୧୭

---

* ଗଙ୍ଗଶିଉଳୀର ଅପର ନାମ ଶୃଙ୍ଗାରହାର ।

Reprocessed by srujanika@gmail.com

ପ୍ରଭାତେ ଅକ୍ଷତ କୁସୁମ-ପଟଳ
ତଥି, ମନୋରମ କରେ ବୃକ୍ଷ-ତଳ,
ନଭ-ଭୂଷେ ଯଥା ତାରକା-ପଟଳ;
ସମୀର ସୌରଭ ନଅଇ ହର ।
ସାରଲ୍ୟ-ଗୁଣର ଉପମାର-ସ୍ଥଳ
ବାଳକ-ବାଳିକା କରୁ କୋଳାହଳ
ନସ୍ୱ ପର ମଣି ସେ କୁସୁମ-ଦଳ,
ତୋଳନ୍ତି କୁସୁମ-ଭାଜନ ଭର । ୧୮
ଯୁବତୀ-ସମିତ ଅବଗାହ ନୀରେ
ନୂଆଁଇ ଆନନ ନିରୀକ୍ଷି ମହୀରେ
ଶୁଚ, ଫୁଲ୍ଲମନେ ବାହୁଡ଼ନ୍ତେ ଧୀରେ;
ମରାଳ ପଳାଏ ଗମନେ ଜିତ ।
ଦେଖିଣ ସେ ଛବି ଭାବେ ମୁଗ୍ଧ ମନଃ,
ଶୁଚ ଶାଳୀନତା ଯୁବତୀ-ଭୂଷଣ
କରନ୍ତି ରମଣୀ-ବିକାର-ଗ୍ରହଣ
ପୂତ, ମୃଦୁ ତେଜେ ଗମେ ଶୋଭିତ । ୧୯
ସରୋବର-ଭୂଷା କୁମୁଦ-ନିଚୟ
ନିମୀଳ ଅସନ୍ତି ଦେଖି ଦିନୋଦୟ ;
ଫୁଟିବେ କି ଅବା ମୁଦିବେ, ନିଶ୍ଚୟ
କହିବା କଠିନ କୁମୁଦେ ଗ୍ରହିଁ ।
କୁମୁଦ-ବଲ୍ଲଭ ଅସ୍ତଗିରି-ଗତ,
କମଳିନୀ-ପତି ଏବେ ପୁରୋଗତ,
ବୋଲେ କମଳିନୀ, ଘୋଷଇ ଜଗତ ;
କୁମୁଦର ଲାଜ ତଥାପ କାହିଁ । ୨୦
ଶାରଦକୁସୁମେ ବନ ମନୋହର ;

Reprocessed by srujanika@gmail.com

ତେଣୁ ସିନା ଏତେ ଶୋଭେ କାନନର,
ପଦ୍ମ-ଗଉରବେ ଯେସନ ଜଳର,
ଯୌବନ-ଗରବେ ନାରୀର ଯଥା ।
ନର-ଭୂଷା ହୁଏ କେବଳ କଥନ;
ଅଳି-କୋକିଳ-ଫୁଲ୍ଲ ପାଦପ-ଭୂଷଣ
ଘ୍ରାଣ, ଦରଶନ, ପରଶ, ଶ୍ରବଣ
ତୃପତ କରଇ ତଦ୍ଧାତାଗଣ ॥ ୭୧
ଶତଦଳ ମୁଖୁଁ ବିକାଶ ଫୁଲର
ଶୁଣି ମଧୁକର ଛୁଟନ୍ତି ସତ୍ୱର,
କରେ ଗୁଣ୍‌ଗୁଣ ରବ ଅତି ମନୋହର
ଅପୂର୍ବ ରସରେ ବୁଡ଼ାଏ ବନ ।
ଶୁଣି ସେ ମଧୁର ଗୁଣୁଗୁଣୁ ରବ,
ଦେଖି କାନନର କୁସୁମ-ବୈଭବ,
ଆଘ୍ରାଣି ଅତୁଲ କୁସୁମ-ସୌରଭ,
ସୁରଲୋକ ଭ୍ରମେ ବନକୁ ମନ ॥ ୭୨
ପତଙ୍ଗ-ବହୁଳ ବିଜନ କାନନ;
ନିଶା ଅପଗତ, ଉଦିତ ତପନ,
ଦେଖି ଝଙ୍କାରନ୍ତି ମୋଦେ ପକ୍ଷି-ଗଣ;
ପ୍ରତିଧ୍ୱନି ଛଳେ ଝଙ୍କାରେ ବନ ।
ଅମଳ ଗଗନୁ ତରୁଣ ତପନ
ପେଷେ ତଉଦଗେ ଅଖର କିରଣ;
ଥୋକାଏ ଭେଟନ୍ତି ପଥରେ କାନନ,
ଚୁମ୍ବନ୍ତି ମସ୍ତକେ ବିଟପି-ଗଣ ॥ ୭୩
ସୁରଙ୍ଗ ପ୍ରବାଳେ ବନ-ବାତାୟନ;

Reprocessed by srujanika@gmail.com

ଶିଶିର-ପଟଳେ ପ୍ରବାଳ-ମଣ୍ଡନ ;
ସେହି ବାତାୟନେ ପ୍ରବେଶି କିରଣ
  କାନନ ଭିତରେ ଆଲୋକ କରେ ।
ଅମଳ ଶିଶିର ବିମଳ-ପ୍ରବର * ;
ପ୍ରବେଶି ନିର୍ଗମେ କିରଣ-ନିକର
ହୋଇଣ ବିଭକ୍ତ, ବହୁ ବରନର
  ମାଧୁରୀରେ ମନ ମୋହିତ କରେ । ୨୪
ପାଷାଣ-ପୁରୁଷ ଶିଖର-ଶିଖର ;
ଉଥାପିବ ଅନ୍ୟ ଏତେ ପ୍ରୀତିକର ?
ଶରତ-ପ୍ରଭାତେ ଆରୋହଣ କର,
  ସଜନୀ ! ଥରେ ଫେଡ଼ ନୟନ ।
ପଲ୍ଲୀ, ସରୋବର, କାନନ, କେଦାର,
ନଦୀ, (ସନ୍ନିହିତ ଯଦି) ପାରାବାର
ନୟନ-ଚକୋରକୁ ସୁଖ-କାରାଗାର ।
  ଧନ୍ୟ ରେ ପ୍ରକୃତି ! ତୋ ଶିଳ୍ପ-ପଣ ! ! ୨୫
ଥିଲେ ଯେତେ ରତ୍ନ ପ୍ରକୃତି-ଭଣ୍ଡାରେ
ସକଳ ପ୍ରଶସ୍ତ ଶରନ୍ନିଶାଠାରେ ;
ସେ ଅତୁଳ ନିଧି ଯେ ଭୋଗିନ୍ତି ବାରେ
  ଭୁଲି କି ପାରିବ ଯାବ ଜୀବନ ?
ବର୍ଣ୍ଣିବେ ଅକ୍ଷମା ଲେଖନୀ କମ୍ପିତା ;
ବଖାଣି ନ ପାରେ ଭାରତୀ ଲଜ୍ଜିତା ;
ସ୍ତବ୍ଧ କଳ୍ପନା ଏକାନ୍ତ ବିସ୍ମିତା ।

---

* ତ୍ରିଭୁଜମଧ୍ୟ ସୀମାବଦ୍ଧ ଦୃଷ୍ଟିକୋଣରେ ଉପଯୋଗୀ କାଚଖଣ୍ଡକୁ ତ୍ରିକୋଣ କହନ୍ତି । ଏହାର ଇଂରାଜୀ ନାମ ପ୍ରିଜ୍ମ୍ ।

Reprocessed by srujanika@gmail.com

ପ୍ରକୃତ ! ପାଇଲୁ କାହୁଁ ଏ ଧନ ? ୨୨
ମାନବ-କଳ୍ପନା-ବାଗ୍ ଅହେ ସୁଧାକର !
ଯଥାର୍ଥି, ଯଥାର୍ଥ ପଦ, ନାମଟି ତୋହର
କେବଳ ଶରଦକାଳେ ; ଅନ୍ୟତଃ ଯେ ଜନ
ପ୍ରଥମରେ ରଖିଗଲା ତୋ ନାମ ଏସନ ,
ଶାରଦ ନିଶାରେ ଦେଖି ତୋ ରୂପ ମୋହନ
ଗଢ଼ିଲା, ସ୍ୱଭାବାଦିଷ୍ଟ, ଏ ନାମ ତା ମନଃ ।
ପୂରୁବୁ ଏ ନାମ ଯଦି ନ ଥାନ୍ତା ତୋହର,
ସୁଧା ଯେ ଅମୃତ, ଜାଣି ମୂଢ଼ ବ ଯେ ନର ୨୩
ଗଢ଼ନ୍ତା ଅଟରେ ନାମ । ତୋହ ପଟାନ୍ତର
ତୋହ ବିନା ଅନ୍ୟ କିଛି ନାହିଁ ଜଗତର ।
ଏ ଭାବ ଏ କ୍ଷୁଦ୍ର ମନେ ଜନମେ ବିସ୍ମୟ—
ଶୈଶବ-ଯୌବନ-ଜର୍ ପଟିଏଡା-ମୟ
ଜନକ ଲଭନ୍ତି ତେଣୁ; କିନ୍ତୁ ଅନନ୍ଦରେ
ପ୍ରଭେଦ ପ୍ରଚୁର ଅଛି ଗ୍ରାହକ-ଭେଦରେ ;
ସେ ବିବିଧ ଜନନରେ ଏକ୍ସି ସାଧାରଣ,
ସକଳ ଔଦାର୍ଯ୍ୟ-ମୟ, ସକଳ ପାବନ । ୨୪
ବାଲକ ତୋ ରୂପେ ମୁଗ୍ଧ କ୍ରୀଡ଼ାସଙ୍ଗୀ-ସ୍ଥାନେ
ସନ୍ଧ୍ୟାଗମେ ଅଁକୁଥାଏ ତୋ ରୂପ ଧ୍ୟାନେ ;
ଅମଳ ଗଗନେ ଦେଖି ତୋ ରୂପ ଅମଳ
"ଜହ୍ନମାମୁଁ, ଜହ୍ନମାମୁଁ" କରଇ ଚହଲ ।
ବାଳକ-ବାଳିକା-ମନେ ଅଟନ୍ତି ତନ୍ମୋତ୍ପନ୍ନ !
ସମ୍ବନ୍ଧ ରୂପର ତବ ବାଲ୍ୟକ୍ରୀଡ଼ା ସହ ।
ଢଣୀଥେ ନିଦ୍ରାର କୋଳେ ବିଶ୍ରାମେ ଜଗତ ;
ତୋ କୋଳେ ଖେଳରେ ରତ ନବୀନ ଦମ୍ପତ । ୨୫

Reprocessed by srujanika@gmail.com

ବକ୍ଷରେ ଶଶାଙ୍କ ! ଧରେ ତୋତେ ଯେ ଗଗନ,
ତାପର ଉଦାର ତଦା ଦ୍ୱେନଙ୍କର ମନଃ;
ପ୍ରସନ୍ନ ତୁ ଯଥା ଶୁଭ୍ର ଗଗନ-କୋଳରେ,
ପ୍ରେମ-ଇନ୍ଦୁ ତଥା ଶୋଭେ ବେନଙ୍କ ମନରେ;
ତରୁଣ-ତରୁଣୀ-ମନେ, ମୋହିନୀ-ମୋହନ !
ତୋରୂପ, ଦାମ୍ପତ୍ୟ-ପ୍ରେମ ଅଭେଦ୍ୟ-ବନ୍ଧନ ।
ପ୍ରବୀଣ, ପ୍ରବୟାଃ, ସାଧୁ, ବୀତରାଗ ଜନ
ନିରତ କୌମୁଦୀ-କୋଳେ ଧିଆନେ ମଗନ; ୬୦
ତୋ ରୂପ-ମାଧୁରୀ ଦେଖି ଜଗତ-ପତିର
ମହିମା ସୁମରି ମନଃ ବିସ୍ମୃତେ ସ୍ଥିର ।
ବରୁ ପ୍ରେମ ସୁଧାସିନ୍ଧୁ ପ୍ରବୀଣର ମନଃ
ତୋ ରୂପ-ସୁଧାର କରେ ଅଜ୍ଞାତେ ବନ୍ଦନ ।
ଅହିତ ନ ସାଧୁ ବଧୋ ! ସଂସାରେ କାହାର ।
ମନୋଜ-ଦୀପନ ବୋଲି ବିରହ-ଭୀଗାର
ବୋଲନ୍ତି ଥୋକାଏ ତୋତେ, କିନ୍ତୁ ସେ ଅନୃତ;
ତୋ ମୃଦୁ କିରଣ-ରାଜି ବର୍ଷିରେ ଅମୃତ; ୬୧
ଉତ୍ତମେ ଉତ୍ତମ-ଯୋଗ; ସିନ୍ଧୁ ପୀୟୂଷର
ପୀୟୂଷେ ସମ୍ଭବେ ଯୋଗ; ତହିଁ ନରକର
ମିଳନ ବିରୁଦ୍ଧ ଅଟେ ବିଧି-ବିଧାନର ।
ତାଦୃଶ ପଦାର୍ଥୁଁ ଯେଣୁ ସୁଖ ମାନବର,
ତାଦୃଶ-ଅଭାବେ ଲେଶ ନ ଥାନ୍ତା ସୁଖର,
ହେ ସୁଧାଂଶୋ ! ଅୟି ଶରତ୍ ! ତୁମ୍ଭ ଦୁହିଙ୍କର
ପଦେ ଅରପୁଛି, ଯେନ, ପ୍ରଣତ ମୋହର । ୬୨

Reprocessed by srujanika@gmail.com

୧୯ – ମଳୟାନିଳ ପ୍ରତି ।

ହେ ମଧୁ-ଅନିଳ ! ତୋହ୍ମ କର ପରଶରେ
ଯେ ପ୍ରୀତି ଉପୁଜେ ଏହି କ୍ଷୁଦ୍ର-ମାନସରେ,
କିରୂପେ ବର୍ଣ୍ଣିବି କହ ? ପାରିବ କି ବାଣୀ
ସେ ଅତୁଳ-ଶୃତ-ସୁଖ-ସ୍ୱରୂପ ବଖାଣି ?
ପ୍ରକାଶିବି ବୋଲି କରେଁ ଯତ୍ନ ଅତିଶୟ ;
ନ ପାରିଲେ ମତେ ଉଦେ ସଲଜ୍ଜ ବିସ୍ମୟ ।
ସେ ସୁଖ ନିଶ୍ଚେଷ୍ଟ-କର ଶାନ୍ତିର ଆକର,
ଅମଳ, ପାବନ, ମୃଦୁ, ଚିତ୍ତୋତ୍କର୍ଷ-କର ;
ସେ ସୁଖରେ ହେତୁ-ଲେଶ ନାହିଁ ଉନ୍ମାଦର;
ଅବସାନେ ନ ଘଟଇ ବିକାର ମନର ।
ଶାରଦ-ମଣ୍ଡିତମାଳ-କାନ୍ତି-ସମୟରେ
ବିଶାଳ, ଉଦାର, ରମ୍ୟ, ନୀଳ ଗଗନରେ
ଆବଦ୍ଧ ଗଗନ-କେନ୍ଦ୍ର, କ୍ଷୁଦ୍ର-ଅବୟବ
ଧବଳ ଜଳଦ-ଖଣ୍ଡ ଯେଉଁ ଦୁର୍ଲଭ
ଅବିକାର୍ଯ୍ୟ ମଧୁରିମା ପ୍ରକଟ କରଇ,
କେବଳ ତାସହ ଏହା ତୁଳା ସମ୍ଭବଇ ।
ଛୁଇଁଲେ ଶରୀର ମୃଦୁ ତୋ କର, ଅନିଳ !
କରଇ ମାନସ-ଭୂମି ଉଲ୍ଲାସ-ବିହ୍ୱଳା ।
ବୀଣା ମଧୁରବ ଶୁଣି ଉରଗ ଯେସନ
ତେସନ ପରଶେ ତୋର ନିଶ୍ଚେଷ୍ଟ ଏ ମନଃ ।
ଆହାର, ବିହାର, ପାନ ତୁଚ୍ଛ କରି ମନଃ
ଅନେକେ ବିସ୍ମୟ-ଭରେ ତୋ ଗୁଣ ମୋହନ ।
କେସେ ପ୍ରବଳ ହୁଏ ଏହି ଅଭିଳାଷ,

Reprocessed by srujanika@gmail.com

ଢଆଗି ସକଳ ଅନ୍ୟ ହେବ ତୋର ଦାସ ।
ଏହାଠି ନିଶ୍ଚୟ ଯେତେ ସୁଖ ଭୂଲୋକରେ
ହୃଦସ୍ପର୍ଶକ ସର୍ବ-ଶ୍ରେଷ୍ଠ; କିନ୍ତୁ ଦ୍ୟୁ-ଲୋକରେ
ଏଥୁଁ କି ଅଧିକ ସୁଖ ଭୁଞ୍ଜନ୍ତି ଅମରେ ?
ଏସନ ଏ କ୍ଷୁଦ୍ର ମନେ । ନ ଜାଣେଁ ଅପରେ
କି ସୁଖ ମଣନ୍ତି ପ୍ରେୟ୍ୟଃ ଏ ସୁଖ ଉପରେ ।

ସମ୍ପୂର୍ଣ୍ଣ ।

Reprocessed by srujanika@gmail.com